RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -160 | ସଂଖ୍ୟା-୧୬୧
ଭୁବନେଶ୍ୱର, ଶୁକ୍ରବାର, ୦୫ ସେପ୍ଟେମ୍ବର ୨୦୨୫
Bhubaneswar, Friday, 05, September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ହୀରାକୁଦ ଜଳଭଣ୍ଡାରରେ ୧୬ ଗେଟ୍ ଖୋଲିଲା

## ସତର୍କ ରହିବାକୁ ପରାମର୍ଶ

ସମ୍ବଲପୁର / କଟକ,୪।୯(ନି.ପ୍ର.): ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଛି। ହୀରାକୁଦ ଜଳଭଣ୍ଡାରର ସ୍ଥିତିକୁ ନଜର ରଖି ଆଜି ଅପରାହ୍ଣରେ ପୁଣି ଦୁଇଟି ଗେଟ୍ ଖୋଲି ଦିଆଯାଇଛି। ହୀରାକୁଦ ଜଳଭଣ୍ଡାର ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି।

ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରରେ ଧୀରେଧୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ କ୍ରମାଗତ ଭାବେ



ପର୍ଯ୍ୟାୟ କ୍ରମେ ଗେଟ୍‌ଗୁଡିକ ଖୋଲାଯାଉଛି। ଏହି କ୍ରମରେ ଆଜି ଅପରାହ୍ଣରେ ପୁଣି ୨ଟି ଗେଟ୍ ଖୋଲି ଦିଆଯାଇଛି। ପୂର୍ବରୁ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ତେବେ ବର୍ତ୍ତମାନ ସମୟରେ ମୋଟ୍ ? ୧୬ଟି ଗେଟ୍ ? ଦେଇ ଜଳ ନିଷ୍କାସନ ଜାରି ରହିଛି। ଆବଶ୍ୟକ ହେଲେ ଆହୁରି ଗେଟ୍ ଖୋଲା ଯାଇପାରେ। ହୀରାକୁଦ ଜଳଭଣ୍ଡାରରେ ଧୀରେଧୀରେ ଜଳସ୍ତର ବ ?ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ କ୍ରମାଗତ ଭାବେ ପର୍ଯ୍ୟାୟ କ୍ରମେ ଗେଟ୍‌ଗୁଡିକ ଖୋଲାଯାଉଛି। ଏହି କ୍ରମରେ ଆଜି ଅପରାହ୍ଣରେ ପୁଣି ୨ଟି ଗେଟ୍ ଖୋଲି ଦିଆଯାଇଛି। ପୂର୍ବରୁ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଅନ୍ୟପଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇ ଥିବାରୁ ମହାନଦୀରେ ବନ୍ୟା ଜଳସ୍ତର ବ ?ିବାର ଆଶଙ୍କା ରହିଛି। ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି। ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି।

# ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା

ଭୁବନେଶ୍ୱର,୪।୯(ନି.ପ୍ର.): ଏଥର ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟକୁ ମନା କରାଯାଇଛି। ପୂଜାକୁ ନେଇ ବିଏମସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୂଜାରେ ପାର୍କିଂକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ପାର୍କିଂ ନଥିଲେ ମିନା ବଜାର ପଡିବନି କି ରାବଣ ପୋଡି ପାଇଁ ଅନୁମତି ମିଳିବନି।ପୂଜା ପ୍ଲାଷ୍ଟିକ ମୁକ୍ତ ହେବ। ପୂଜା କମିଟି ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ। ସବୁ ଭସାଣି ସ୍ଥାନରେ କଣ୍ଟ୍ରୋଲ ରୁମ ଖୋଲିବ। ଆମ୍ବୁଲାନ୍ସ ରଖାଯିବ।ପୂଜା ପେଣ୍ଡାଲରେ ନିଶାକୁ ନା'ର ସଚେତନତା ବାର୍ତ୍ତା ପୁଲିସ ବିଭାଗ ବାଣ୍ଟି ?ବ। ପୂଜା ପୂର୍ବରୁ ବିଦ୍ୟୁତ ଖୁଣ୍ଟ ଓ ତାର ମରାମତିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ରାସ୍ତା ଖରାପ ନେଇ ପିଡବ୍ଲୁଡିର ବିଭାଗୀୟ ଅଧିକାରୀଙ୍କୁ କମିସନର ତାଗିଦ କରିଛନ୍ତି। ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସାରିବା ନେଇ ଡେଡ଼ ଲାଇନ ଦେଇଛନ୍ତି। ରାସ୍ତା ଖାଲଖମାର ମରାମତି ନେଇ ସବୁ ୱାର୍ଡକୁ ଦିଆଯିବ ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପେଣ୍ଡାଲ ନିକଟରୁ ବୁଲା କୁକୁର ହଟିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# କେନ୍ଦୁପତ୍ର ଉପରେ ଜିଏସ୍‌ଟି ୫% : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୯(ନି.ପ୍ର): ଜିଏସଟି ସଂସ୍କାର ଉପରେ ନୂଆଦିଲ୍ଲୀରେ ପ୍ରେସ କନ୍‌ଫରେନ୍‌ସରେ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବକ୍ତବ୍ୟ ରଖିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ "୨୦୪୭ ସୁଦ୍ଧା ବିକଶିତ ଭାରତ" ପରିକଳ୍ପନାକୁ ସାକାର କରିବା ଲାଗି ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ।

ଏହି ଲକ୍ଷ୍ୟ ହାସଲ ଲାଗି ଆମ ଦେଶରେ ପ୍ରଚଳିତ କର ପ୍ରଶାସନରେ ବ୍ୟାପକ ସଂସ୍କାର ଆବଶ୍ୟକ । ସାଧାରଣ ଜନତାଙ୍କ ଉପରୁ ଟିକସ ବୋଝ ହ୍ରାସ କରିବା ଲାଗି ଆଜିର ବୈଠକରେ ବ୍ୟାପକ ଆଲୋଚନା ପରେ ଅନେକ ଦ୍ରବ୍ୟ ଓ ସେବା ଉପରୁ ଜିଏସଟି ହାର କମାଇବା ଓ କେତେକ ଦ୍ରବ୍ୟ ଓ ସେବାକୁ କର ମୁକ୍ତ କରିବା ପରି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି ।

ଜିଏସଟିର ଏହି ଐତିହାସିକ ସଂସ୍କାର, ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ, ଅନୁପାଳନ ବୋଝ ହ୍ରାସ କରିବ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉପକୃତ କରିବ ଏବଂ ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସ୍ୱାସ୍ଥ୍ୟ ଓ ଜୀବନ ବୀମା ଜନିତ ସେବା ଉପରୁ କର ଆଦାୟ ନକରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ ।କେନ୍ଦୁପତ୍ର ଉପରୁ ଜିଏସଟି ହ୍ରାସ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ । ଏହା ଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ । ଏହା ଦ୍ୱାରା ରାଜ୍ୟର ଅଣସଂଗଠିତ



କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାମାନଙ୍କ ପାଖରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇ ପାରିବେ ।

ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ଅଟେ । ବିଭିନ୍ନ କୃଷି ପ୍ରକରଣ ଯଥା ଔଷଧ ସିଂଚନକାରୀ ଯନ୍ତ୍ର, ଜକ୍କକ୍ଷରକ୍ସ, ଯନ୍ତ୍ରପାତି , ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଂଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପଦକ୍ଷେପ, କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମାଇବ । ଏହା ଗ୍ରାମୀଣ ଲୋକଙ୍କ ଆୟ ବଢାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ ।

ପାନ ମସଲା, ବିଡି, ଓ ତମାଖୁଜାତ ଦ୍ରବ୍ୟକୁ ଛାଡି ଅନ୍ୟ ସବୁ ଦ୍ରବ୍ୟ ଉପରୁ କ୍ଷତିପୂରଣ ସେସକୁ ୨୨ ସେପ୍ଟେମ୍ବର, ୨୦୨୫ ତାରିଖରୁ ଉଠାଇ ଦିଆଯାଉଛି । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ ।

ଏହାବ୍ୟତୀତ ଦ୍ରବ୍ୟ ଓ ସେବାକର ହାରରେ ପରିବର୍ତ୍ତନ କରାଯାଇ ୧୨ ଓ ୨୮ ପ୍ରତିଶତ କର ହାରକୁ ଉଚ୍ଛେଦ କରା ଯାଇ ଅଧିକାଂଶ ଦ୍ରବ୍ୟ ଓ ସେବା ଉପରେ ୫ ଓ ୧୮ ପ୍ରତିଶତ ହାରରେ କର ଆଦାୟ କରିବାର ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ।

ଔଷଧ, ଦୁଗ୍ଧ-ଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହିତ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ ରୁ ଅଧିକ ସାମଗ୍ରୀ ଯଥା ୨୫୦୦ ଟଙ୍କାରୁ କମ ମୂଲ୍ୟ ର ବସ୍ତ୍ର ସାମଗ୍ରୀ ଓ ଜୋତା, ସଂରକ୍ଷିତ କରାଯାଇଥିବା ମାଛ/ ମାଂସ/ ଚିଙ୍ଗୁଡି/ କଙ୍କଡା/ ଛତୁ/ ଜାମ/ ଜେଲୀ/ ଫଳରସ, ପ୍ୟାକ ହୋଇଥିବା ନମକତନ/ଭୁଜିଆ/ମିକ୍ସଚର / ସୋୟା ବଡି /ବିରି ଓ ମୁଗ ବଡି, ମଧୁମେହ ରୋଗୀଙ୍କ ଖାଦ୍ୟ, ଗାଲିଚା, ଥର୍ମୋମିଟର, ଜ୍ୟାମିତ ବାକ୍ସ, ଟୁଥ ପେଷ୍ଟ, ଟିଭି, ଛତା, ବାସନ କୁସନ, ସିଲାଇ ମେସିନ, ସାଇକେଲ, ପାନିଆ, ମୁଣ୍ଡ କଂଟା, ସାମ୍ପୁ, କେଶ ତୈଳ, ସେଭିଂ କ୍ରୀମ ଉପରୁ କର ହ୍ରାସ ହୋଇଛି; ଯାହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଏବଂ ସେମାଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ । ପ୍ୟାକ ହୋଇଥାବା ଛେନା ବା ପନିର, ପେନସିଲ, ରବର, ମ୍ୟାପ, ଆଟଲାସକୁ କର ମୁକ୍ତ କରାଯିବ ।

# ୭ମ ଥର ପାଇଁ ଆଇଆଇଟି ମାଡ୍ରାସ ପ୍ରଥମ

ନୂଆଦିଲ୍ଲୀ,୪।୯(ନି.ପ୍ର.): ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ନ୍ୟାଶନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ ର୍ୟାଙ୍କିଙ୍ଗ ୨୦୨୫) ଜାରି କରାଯାଇଛି। ଏହା ଭାରତୀୟ ଉଚ୍ଚ ଶିକ୍ଷା ରାଙ୍କିଙ୍ଗର ୧୦ମ ସଂସ୍କରଣ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ ମଣ୍ଡପମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାକୁ ସାର୍ବଜନୀନ କରିଛନ୍ତି।

ଚଳିତ ବର୍ଷ ଏନଆଇଆରଏଫ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନର ପ୍ରଦର୍ଶନକୁ ବିଚାର କରି ରାଙ୍କିଙ୍ଗ ଜାରି କରିଛି। ଓଭରଅଲ, ବିଶ୍ୱବିଦ୍ୟାଳୟ, କଲେଜଲ, ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସୀ, ମେଡିକାଲ, ଡେଣ୍ଟାଲ, ଆଇନ, ଆର୍କିଟେକଚର ଓ ପ୍ଲାନିଂ, କୃଷି, ଇନୋଭେସନ, ଓପନ ୟୁନିଭର୍ସିଟି, ସ୍କିଲ ୟୁନିଭର୍ସିଟି, ଷ୍ଟେଟ ପବ୍ଲିକ ୟୁନିଭର୍ସିଟି ଭଳି ବର୍ଗରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ରାଙ୍କିଙ୍ଗରେ ସାମିଲ କରାଯାଇଛି।




ଓଭରଅଲ ବା ମୋଟ ଉପରେ ଆଇଆଇଟି ମାଡ୍ରାସ ଏନ୍‌ଆଇଆରଏଫ ର୍ୟାଙ୍କିଙ୍ଗ ୨୦୨୫ରେ ପୁଣି ଦେଶରେ ୧ନଂ ସ୍ଥାନ ଦଖଲ କରିଛି। ଏହାକୁ ମିଶାଇ ୭ମ ଥର ପାଇଁ ଆଇଆଇଟି ମାଡ୍ରାସ ୧ନଂ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି। ଏହି ବର୍ଗର ଦ୍ୱିତୀୟ ସ୍ଥାନରେ ଆଇଆଇଏସ୍ ବେଙ୍ଗାଲୁରୁ ଓ ତୃତୀୟରେ ଆଇଆଇଟି ବମ୍ବେ ରହିଛି। ଟପ ୯ରେ ଜେଏନୟୁ ରହିଥିବା ବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ ନମ୍ବରେ ଅଛି।

ମ୍ୟାନେଜମେଣ୍ଟ ବର୍ଗରେ ପୁଣିଥରେ ବାଜି ମାରିଛି ଆଇଆଇଏମ ଅହମଦାବାଦ। ଦେଶର ସର୍ବଶ୍ରେଷ୍ଠ ବ୍ୟବସାୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ଆଇଆଇଏମ ଅହମଦାବାଦକୁ ମିଳିଛି। ଦ୍ୱିତୀୟରେ ଆଇଆଇଏମ ବେଙ୍ଗାଲୁରୁ ରହିଥିବା ବେଳେ ତୃତୀୟରେ ରହିଛି ଆଇଆଇଏମ କୋଝିକୋଡ।ଆର୍କିଟେକଚର ଓ ପ୍ଲାନିଂ ବର୍ଗରେ ଆଇଆଇଟି ରୁରକୀ ୧ନଂରେ, ଏନଆଇଟି କଲିକଟ ଦ୍ୱିତୀୟ ଓ ଆଇଆଇଟି ଖଡଗଡପୁର ତୃତୀୟ ସ୍ଥାନରେ ରହିଛି। ଏହି ବର୍ଗର ୫ମ ସ୍ଥାନରେ ଜାମିଆ ମିଲିଆ ଇସଲାମିଆ ମଧ୍ୟ ଅଛି।

ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍ ? ବେଙ୍ଗାଲୁରୁର ଦବାଦବା ଦେଖିବାକୁ ମିଳିଛି। ଆଇଆଇଏସ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ବର୍ଗର ୧ନଂରେ ରହିଥିବା ବେଳେ ଦିଲ୍ଲୀର ଜେଏନ୍ ?ୟୁ ଦ୍ୱିତୀୟ, ମନିପାଲ ଏକାଡେମୀ ଅଫ ହାଇଅର ଏଡୁକେସନ ତୃତୀୟ, ଜାମିଆ ମିଲିଆ ଇସଲାମିଆ ୪ର୍ଥ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ୫ମରେ ରହିଛି। ଷ୍ଟେଟ ପବ୍ଲିକ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛି କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ।

ଫାର୍ମାସୀ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟରେ ନୂଆଦିଲ୍ଲୀର ଜାମିଆ ହମଦରଦ ୧ନଂରେ ରହିଥିବା ବେଳେ ଦ୍ୱିତୀୟରେ ବର୍ଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଓ ସାଇନ୍ସ ରହିଛି। ଚଣ୍ଡିଗଡର ପଞ୍ଜାବ ବିଶ୍ୱବିଦ୍ୟାଳୟ ଏହି ତାଲିକାରେ ତୃତୀୟ ସ୍ଥାନରେ ଅଛି।

ଶ୍ରେଷ୍ଠ କଲେଜଗୁଡିକ ତାଲିକାର ୧ନଂରେ ହିନ୍ଦୁ କଲେଜ, ଦ୍ୱିତୀୟରେ ମିରାଣ୍ଡା ହାଉସ ଓ ତୃତୀୟରେ ହଂସ ରାଜ କଲେଜ ରହିଛି। ଆଇନ ବର୍ଗର ୧ନଂ ସ୍ଥାନରେ ବେଙ୍ଗାଲୁରୁର ନ୍ୟାଶନାଲ ଲ' ସ୍କୁଲ ଅଫ ଇଣ୍ଡିଆ ୟୁନିଭର୍ସିଟି, ଦ୍ୱିତୀୟରେ ଦିଲ୍ଲୀର ନ୍ୟାଶନାଲ ଲ' ୟୁନିଭର୍ସିଟି ଓ ତୃତୀୟରେ ହାଇଦ୍ରାବାଦର ନାଲସର ୟୁନିଭର୍ସିଟି ଅଫ ଲ' ଅଛି।

ଇଞ୍ଜିନିୟରିଂ ଇନଷ୍ଟିଚ୍ୟୁଟ ରାଙ୍କିଙ୍ଗର ଟପ ୧ରେ ଆଇଆଇଟି ମାଡ୍ରାସ, ୨ନଂରେ ଆଇଆଇଟି ଦିଲ୍ଲୀ ଓ ୩ନଂରେ ଆଇଆଇଟି ବମ୍ବେ ରହିଛି। ଦେଶର ଟପ ୩ ମେଡିକାଲ ଶିକ୍ଷାନୁଷ୍ଠାନ ତାଲିକାରେ ଏମ୍ସ, ଚଣ୍ଡିଗଡର ପିଜିଆଇଏମଇଆର ଓ ଭେଲ୍‌ଲୋରର ସିଏମସି ଯଥାକ୍ରମେ ୧ନଂ, ୨ନଂ ଓ ୩ ନଂ ସ୍ଥାନରେ ରହିଛନ୍ତି।

# ରାଜଧାନୀ ସହ ୪ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

ନୂଆଦିଲ୍ଲୀ,୪।୯(ନି.ପ୍ର.): ଲଗାଣ ବର୍ଷା ପରେ ଦେଶର ରାଜଧାନୀ ଦିଲ୍ଲୀ ସମେତ ଏକାଧିକ ଉତ୍ତର ଭାରତୀୟ ରାଜ୍ୟରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ସୁପ୍ରିମକୋର୍ଟ ବେଆଇନ ଭାବେ ଚାଲିଥିବା ଗଛ କଟା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ସର୍ବୋଚ୍ଚ ଅଦାଲତ ମତ ରଖିବା ସହ କେନ୍ଦ୍ର ସମେତ ୪ଟି ବନ୍ୟା ପ୍ରଭାବିତ ରାଜ୍ୟକୁ ନୋଟିସ କରିଛନ୍ତି। ଭୟଙ୍କର ବନ୍ୟା ଓ ପାହାଡରୁ ବେଆଇନ ଗଛ କଟା ପ୍ରସଙ୍ଗକୁ ସୁପ୍ରିମକୋର୍ଟ ନିଜ ଆଡକୁ ବିଚାରକୁ ନେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହାର ବିଚାର କରି ବିକାଶ ଓ ପରିବେଶର ସୁରକ୍ଷା ମଧ୍ୟରେ ନିଶ୍ଚିତ ଭାବେ ସନ୍ତୁଳନ ରହିବା ଜରୁରୀ ବୋଲି କହିଛନ୍ତି। ଖଣ୍ଡପୀଠ କହିଛନ୍ତି, "ଆମେ ଭୟଙ୍କର ବର୍ଷା ଓ ବନ୍ୟାକୁ ଦେଖୁଛୁ। ଆମେ ଏଥିପାଇଁ ପଞ୍ଜାବ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀରକୁ ନୋଟିସ କରୁଛୁ। ପ୍ରାଥମିକ ଆକଳନରୁ ଜଣାପଡିଛି ଯେ ବେଆଇନ ଭାବେ ଗଛ କଟା ଜାରି ରହିଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗ।"ପ୍ରଧାନ ବିଚାରପତି ଜଷ୍ଟିସ ଗବାଇ କହିଛନ୍ତି, "ବନ୍ୟା ଯୋଗୁ ପଞ୍ଜାବର ସମସ୍ତ ଚାଷ ଜମି ଓ ଗାଁ ଭାସି ଗଲା ଭଳି ଲାଗୁଛି। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ରହିବା ଜରୁରୀ।"ହିମାଚଳ ପ୍ରଦେଶର ବିଭିନ୍ନ ନଦୀରେ କାଠର ବ୍ଲକ ସବୁ ଭାସିବା ଖବରକୁ ବିଚାରକୁ ନେଇ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଏହି ପ୍ରସଙ୍ଗକୁ ବିଚାର କରିବା ପାଇଁ କହିଛନ୍ତି।






# ସ୍ୱାସ୍ଥ୍ୟସେବାର ସେଦ୍ଧାର ବିକଳ ଚିତ୍ର, ନାହାନ୍ତି ୪୦୪ ଡାକ୍ତର

**ସୁନ୍ଦରଗଡ଼, ୪।୯:(ମନ୍ଥନ)** ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଜାତୀୟ ସ୍ତରରେ ପ୍ରଶଂସିତ ଓ ପୁରସ୍କୃତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ଅନେକ ବିକାଶ ଘଟିଛି । ଡାକ୍ତରଖାନାକୁ ଦେଖିଲେ ଲାଗୁଛି କୌଣସି ପାର୍କ ନା କୌଣସି ଆମୋଦ ପ୍ରମୋଦର ସ୍ଥାନ । କିନ୍ତୁ ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ଜିଲା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ସହିତ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଲାଗିରହିଛି । ଏହି ଜିଲାରେ ମୋଟ ୭୪୧ ଅନୁମୋଦିତ ଡାକ୍ତର ପଦ ଅଛି । କିନ୍ତୁ ଅଛନ୍ତି ମାତ୍ର ୩୩୭ ଜଣ ଡାକ୍ତର । ଖାଲି ପଡ଼ିଛି ୪୦୪ ଡାକ୍ତର ପଦ । ବିଚିତ୍ର ସ୍ଥିତିରେ ଅଛି ନର୍ସିଂ ଅଫିସର ସଂଖ୍ୟା । ଅନୁମୋଦିତ ପଦ ୬୯୮ କୁ ଅଛନ୍ତି ମାତ୍ର ୧୬୧ୟ ଖାଲି ପଡ଼ିଛି ୫୩୭ପଦୟ କେତେକ ଡାକ୍ତରଖାନାରେ ଜଣେ ହେଲେ ନର୍ସିଂ ଅଫିସର କି ଡାକ୍ତର ନାହାନ୍ତି । କୋଇଡ଼ା ବ୍ଲକର ତିନି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଚୋରଧରା, କେ ବଲାଙ୍ଗ ଏବଂ ଝାରବେଡ଼ାରେ ଜଣେ ବି ଡାକ୍ତର ନାହାନ୍ତି । ସେଠାରେ ଫାର୍ମାସିଷ୍ଟ ଭରସାରେ ଡାକ୍ତରଖାନା ଚାଲିଛି। ଏ ତ ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାର ଚିତ୍ର । ଯଦି ସହରାଞ୍ଚଳ ସ୍ଥିତି ଦେଖିବା, ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଛନ୍ତି ମାତ୍ର ୬୫ ଜଣ ଡାକ୍ତର । ଏଠାରେଅନୁମୋଦିତ ପଦ ଅଛି ୧୭୬ । ସେଥିରୁ ଖାଲି ପଡ଼ିଛି ୧୧୧ ପଦୟ ଅର୍ଥାତ ଅନୁମୋଦିତ ପଦର ଅଧାରୁ ବି କମ ସଂଖ୍ୟକ ଡାକ୍ତର ଅଛନ୍ତି । ଅନେକ ଡାକ୍ତର ମେଡିକାଲରେ କମ କ୍ଲିନିକ ଓ ନର୍ସିଂହୋମରେ ବେଶୀ ସେବା କରୁଛନ୍ତି। ଏପରି କ୍ଷେତ୍ରରେ ସାଧାରଣ ଗରିବ ରୋଗୀ କି ଚିକିତ୍ସା୫୩୭ ନର୍ସିଂ ଅଫିସର ପଦ ଖାଲିଗ୍ରାମାଞ୍ଚଳରେ କାମ କରିବାକୁ ଡାକ୍ତର ଅରାଜି ସେବା ପାଉଥିବ ଅନୁମାନ କରାଯାଇପାରେ।ସେହିପରି ଜିଲାର ୨୧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଟିଏ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଅନୁମୋଦିତ ଡାକ୍ତର ପଦ ୪୮୭ । ସେଥିରୁ ଖାଲି ପଡ଼ିଛି ୨୮୭ ପଦ । ଅଛନ୍ତି ମାତ୍ର ୨ ଶହ ଡାକ୍ତର । କେତେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୧ ଅନୁମୋଦିତ ପଦ ଥିବା ବେଳେ ଅଛନ୍ତି ମାତ୍ର ୪ କିମ୍ବା ୫/୬ ଜଣ ଡାକ୍ତର । କେବଳ ଡାକ୍ତର ନୁହେଁ, ସବୁ ପଦକୁ ଦେଖିଲେ ଅନୁମାନ କରିହେବ ଜିଲାର ସ୍ୱାସ୍ଥ୍ୟ ସେବାର ସ୍ଥିତି କ'ଣ ୟ ଜିଲାରେ ଲ୍ୟାବଟେକ୍ନିସିଆନ ପଦ ସଂଖ୍ୟା ୭୩ । ସେଥିରୁ ଅଛନ୍ତି ମାତ୍ର ୪୩ । ଫାର୍ମାସିଷ୍ଟ ପଦ ସଂଖ୍ୟା ୧୫୨ । ହେଲେ ଅଛନ୍ତି ମାତ୍ର ୧୨୦ । ୨୨ଟି ରେଡିଓଗ୍ରାଫର ପଦ ଥିବାବେଳେ ଅଛନ୍ତି ମାତ୍ର ୮ । ବିଚିତ୍ର ଓ ଚିନ୍ତା ଜନକ ସ୍ଥିତିରେ ଅଛି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ( ମହିଳା ) ଓ ନର୍ସିଂ ଅଫିସର ସଂଖ୍ୟା । ଜିଲା ମୁଖ୍ୟଚିକିତ୍ସାଳୟ ସହିତ ୯୩ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ୬୯୮ ଅନୁମୋଦିତ ନର୍ସିଂ ଅଫିସରଙ୍କ ପଦ ଅଛି। କିନ୍ତୁ ମାତ୍ର ୧୬୧ ଜଣ ଅଛନ୍ତି ଖାଲି ପଡ଼ିଛି ୫୩୭ପଦବୀ ଏବଂ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଅନୁମୋଦିତ ପଦବୀ ସଂଖ୍ୟା ୬୩୭ । କିନ୍ତୁ ଖାଲି ପଡ଼ିଛି ୨୨୭ ପଦ । ମାତ୍ର ୪୧୦ ଜଣ ସ୍ୱାସ୍ଥ୍ୟକର୍ମୀ ଅଛନ୍ତି । ୩୫୦ଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦରୁ ଖାଲି ପଡ଼ିଛି ୨୧୫ ପଦୟଜିଲାର ଏପରି ବିକଳିଆ। ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଚିନ୍ତାର ବିଷୟ ପାଲଟିଛି। ଏହି ଜିଲାରସ୍ୱାସ୍ଥ୍ୟସେବା ଉପରେ କେବଳ ଜିଲାବାସୀ ନୁହେଁ, ଝାରସୁଗୁଡ଼ା ଓ ସମ୍ବଲପୁର ସହିତ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ରୋଗୀ ମଧ୍ୟ ନିର୍ଭର କରିଥାନ୍ତି । କିନ୍ତୁ ଜିଲାରେ ଭୁଷୁଡି ପଡ଼ିଛି ସ୍ୱାସ୍ଥ୍ୟ ସେବା । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁରେଶ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ନେଇ ପ୍ରତିମାସ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦିଆଯାଉଛି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ପୌରାଧ୍ୟକ୍ଷା ମଧ୍ୟ ଖାଲି ପଦ ପୂରଣ କରିବା ପାଇଁ ତାଙ୍କୁ ଦାବି କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମଧ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ଦାବି କରିଛନ୍ତି । କିନ୍ତୁ ସରକାର ନିଯୁକ୍ତି ଦେଉନାହାନ୍ତି । ସରକାର ନିଯୁକ୍ତି ଦେଲେ ମଧ୍ୟ ଅନେକ ଡାକ୍ତର କାମରେ ଯୋଗ ଦେଉନାହାନ୍ତି ଓ କିଛିଦିନ ତଳେ ୧୧ ଜଣ ଡାକ୍ତର ଆସିଥିଲେ ସେମାନଙ୍କୁ ବଣାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ସେମାନେ କାମରେ ଯୋଗଦେଲେ ନାହିଁ । ଏବେ ୫୦ ପ୍ରତିଶତରୁ ମଧ୍ୟ କାମ ଡାକ୍ତର ଅଛନ୍ତି ତେଣୁ ରୋଗୀସେବାରେ ଅନେକ ସମସ୍ୟା ହେଉଛି। ସରକାର ଶୀଘ୍ର ଖାଲି ପଦ ପୂରଣ କରିବେ ବୋଲି ଆଶା କରାଯାଉଛି ।

## ସାପକାମୁଡ଼ାରେ ଗୁରୁତର ମଳୟରଞ୍ଜନଙ୍କୁ ଅର୍ବାନବ୍ୟାଙ୍କର ସହାୟତା

**କେନ୍ଦ୍ରାପଡ଼ା,୪।୯:(ମନ୍ଥନ)**କେନ୍ଦ୍ରାପଡା ଅର୍ବାନକୋପରେଟିଭ ବ୍ୟାଙ୍କ ପକ୍ଷରୁ ସାପକାମୁଡାରେ ଗୁରୁତର ହୋଇପଡିଥିବା ମଳୟରଞ୍ଜନଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ କୁଶିଆପାଳ ପଞ୍ଚାୟତର ବାଲିପାଟଣା ଗ୍ରାମର ମିଟୁନ ଦାସଙ୍କ ପୁଅ ମଳୟରଞ୍ଜନ ଦାସ(୧୫)ଙ୍କୁ କିଛିଦିନ ତଳେ ଏକ ବୋଡା ସାପ କାମୁଡି ଦେଇଥିଲା। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ଏବେ ସାପକାମୁଡିଥିବା ଗୋଡର ଘା ନସୁଖିବାରୁ ସେ ଚାଲିପାରୁନାହାନ୍ତି। ତାଙ୍କର ବାପା ଜଣେ ରୋଷେୟା ଭାବେ କାମ କରନ୍ତି। ଆର୍ଥିକ ଅନାଟନ ଯୋଗୁଁ ମିଟୁନ ତାଙ୍କ ପୁଅର ଚିକିତ୍ସା କରିବା କଷ୍ଟକର ହୋଇପଡିଛି। ତେଣୁ ସେ ଏସମ୍ପର୍କରେ ଅର୍ବାନ ବ୍ୟାଙ୍କର ସଭାପତିଙ୍କୁ ଜଣାଇଥିଲେ। ଏସମ୍ପର୍କରେ ଜାଣିବା ପରେ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ସଭାପତି ଗୁରୁପ୍ରସାଦ ମହାନ୍ତି ମଳୟରଞ୍ଜନଙ୍କ ଚିକିତ୍ସା ନିମନ୍ତେ ୫ହଜାର ଟଙ୍କାର (ଚେକ୍) ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ମେଡ଼ିକାଲ କଲେଜରେ ସିଟ୍ ଅନୁମୋଦନ ନିମନ୍ତେ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ସ୍ୱେଚ୍ଛାସେବୀ

**ଅନୁଗୁଳ, ୪।୯:(ମନ୍ଥନ)**ତାଳଚେର ମେଡିକାଲ କଲେଜ୍ କୁ ବିଧିବଦ୍ଧ ଅନୁମୋଦନ ମିଳିଥିବାରୁ ଅନୁଗୁଳ ସ୍ୱେଚ୍ଛାସେବୀ ମାନଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛ । ଅନୁଗୁଳ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଅନୁଗୁଳ ଜିଲ୍ଲାବାସୀ ଏବଂ ଛାତ୍ରଛାତ୍ରୀ ମାନଙ୍କର ଏକ ସ୍ୱପ୍ନ



ଥିଲାୟଏଥି ନେଇ ଅତୀତରେ ଅନେକ ଆନ୍ଦୋଳନ,ବନ୍ଦ ଡାକରା ଦିଆଯାଇଥିଲା । ଶେଷରେ କେନ୍ଦ୍ର ସରକାରଙ୍କ ସହଯୋଗ ଓ ରାଜ୍ୟ ସରକାରଙ୍କନିରବଚ୍ଛିନ୍ନ ଉଦ୍ୟମ ସହିତ ଅନୁଗୁଳ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ସ୍ୱେଚ୍ଛାସେବୀ ମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଧନ୍ୟବାଦ୍ ବାର୍ତ୍ତା ବୁଧବାର ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରଦାନ କରାଯାଇଅଛି । ଓଡ଼ିଶା ତଥା ଅନୁଗୁଳ ତାଳଚେର ଅଞ୍ଚଳର ବରପୁତ୍ର ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏହି ମେଡ଼ିକାଲ କଲେଜର ନାମକରଣ କରାଯାଇଅଛି । ତେବେ କଲେଜର ଉତ୍ତରୋତ୍ତର ଉନ୍ନତି କାମନା ସହିତ ଉତ୍ତମ ଚିକିତ୍ସା ଓ ସୁପରିଚାଳନା ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କ ତରଫରୁ ଅନୁରୋଧ କରାଯାଇଅଛି । ଏହି ଧନ୍ୟବାଦ ବାର୍ତ୍ତା ପ୍ରଦାନ ସମୟରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର,ଆଦ୍ୟଶ୍ଳୋକ ମିଶ୍ର, ଜୟନ୍ତ କର, ବିଶ୍ୱଜିତ ବିଶ୍ୱାଳ,ରୁକେସ୍ ରୋଶନ୍ ଦାସ ଓ ପର୍ଶୁରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଅସ୍ତରଙ୍ଗ ସାମୁଦ୍ରିକ ସମ୍ପ୍ରସାରଣ ୟୁନିଟରେ ମିଳିତ ସୁରକ୍ଷା ଅଭ୍ୟାସ ସାଗର କବଚ

**ଅସ୍ତରଙ୍ଗ, ୪।୯:(ମନ୍ଥନ)**ପୁରୀଜିଲ୍ଲା ଅସ୍ତରଙ୍ଗ ସମୁଦ୍ର ରେ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସମେତ ମୋଟ ୩୩ ଗୋଟି ବିଭାଗ ମିଳିତ ଭାବରେ ଆଜି ୩ ଓ ଆସନ୍ତା ୪ ସେପ୍ଟେମ୍ବର ୨୦୨୫ ରେ ଅସ୍ତରଙ୍ଗ ସାମୁଦ୍ରିକ ସମ୍ପ୍ରସାରଣ ୟୁନିଟ୍ ଠାରେ ଦୁଇ ଦିନିଆ। ଉପକୂଳ ସୁରକ୍ଷା ଅଭ୍ୟାସ ବା ସାଗର କବଚ ୦୨/୨୦୨୫ ଆରମ୍ଭ ହୋଇଛିୟ । ଏହି ଅଭ୍ୟାସର ଲକ୍ଷ୍ୟ ଥିଲା ଉପକୂଳ ସତର୍କତାକୁ ସୁଦୃଢ଼ କରିବା, ବିଭିନ୍ନ ସୁରକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଏବଂ ସୁରକ୍ଷା ନିୟମ ବିଷୟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଚେତନ କରିବା। ଆଜି ଅଧିକାରୀମାନେ ବାଲିପନ୍ତଲ ଗ୍ରାମ, କାଳିଆ। କାନ ମାଛ ଅବତରଣ କେନ୍ଦ୍ର ଏବଂ ନୂଆଗଡ଼ ମାଛ ଧରିବା ବନ୍ଦର ପରିଦର୍ଶନ କରି ସଚେତନତା ଅଭିଯାନ ଚଳାଇଥିଲେ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହିତ ଆଲୋଚନା କରିଥିଲେ । ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ପୋଲିସର ଦଳ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ୯ ଟି ବାୟୋମେଟ୍ରିକ୍ ପରିଚୟପତ୍ର ବହନ କରିବାର ଗୁରୁତ୍ୱ ଏବଂ ମାଛ ଧରିବା ଅଞ୍ଚଳ ପ୍ରତିବନ୍ଧକକୁ କଡ଼ାକଡ଼ି ପାଳନ କରିବା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ, ସଚେତନତା ଅଧିବେଶନ ସଫଳତାର ସହ ଜାରି ରହିଥିଲା । ମତ୍ସ୍ୟଜୀବୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ନୂଆଗଡ଼ ମାଛ ଧରିବା ବନ୍ଦର ଏବଂ ଏହାର ସାମୁଦ୍ରିକ ପୋଲିସ ବିଭାଗ ର ସାମୁଦ୍ରିକ ପୋଲିସ୍ କର୍ମଚାରୀମାନଙ୍କୁ ମଧ୍ୟ ନିୟୋଜିତ ହୋଇଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବୈଠକ

**କେନ୍ଦ୍ରାପଡ଼ା,୪।୯:(ମନ୍ଥନ)**ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୮୪ତମ ବୈଠକ ମା'ମଙ୍ଗଳାପୀଠ, ନହଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଆର୍ତ୍ତତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ସଙ୍ଘର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୮୦ବର୍ଷ ବୟସ ଅତିକ୍ରମ କରିଥିବା ସଭାପତି ଆର୍ତ୍ତତ୍ରାଣ ପାତ୍ର ଓ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ସାମଲଙ୍କୁ ଆଗାମୀ ୨୮ତାରିଖ ବୈଠକରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ସଙ୍ଘର ଯେଉଁ ସଦସ୍ୟମାନେ ୭୦ବର୍ଷ ବୟସ ଅତିକ୍ରମ କରିସାରିଛନ୍ତି ସେମାନେ ଜନସେବା କେନ୍ଦ୍ର ଜରିଆରେ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ପ୍ରାପ୍ତ କରି ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଲାଭ କରିବାକୁ ସମ୍ପାଦକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କ ସୁବିଧା ତଥା ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରିବା ପାଇଁ ସରକାର ଏକ ୱେବସାଇଟ୍ ଖୋଲି ଟୋଲଫ୍ରି ନମ୍ବର ଦେଇଥିବାରୁ ସଙ୍ଘ ପକ୍ଷରୁ ସରକାରଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ବୁଲା କୁକୁର, ଷଣ୍ଢ ଓ ମାଙ୍କଡ ମାନଙ୍କର ଉପଦ୍ରବ ବୃଦ୍ଧି ପାଉଥିବାରୁ ପୁନର୍ବାର ଏସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଗଲା। ବର୍ଷିୟାନ ସଦସ୍ୟ ଗୋଲେକ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବା ବେଳେ ସଦସ୍ୟ ଦିବାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସଙ୍ଘ ୨୭ଜଣ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗହଣ କରିଥିଲେ।

# ଡ୍ରେନଜ ବିଭାଗ ପକ୍ଷରୁ ଲୁଣାନଦୀରୁ ଦଳ ସଫେଇ

**ଡେଲାଙ୍ଗ,୪।୯:(ମନ୍ଥନ)**ତା୩।୯ ଡେଲାଙ୍ଗ ବ୍ଲକରେ ପ୍ରଭାହିତ ହେଉଥିବା ଲୁଣା ନଦୀରୁ ଡ୍ରେନଜ ବିଭାଗ ପକ୍ଷରୁ ଦଳ ସଫେଇ କାମ ଆରମ୍ଭ ହୋଇଛି । ଦିର୍ଘଦିନ ଧରି ଏହି ନଦୀରୁ ଦଳ ସଫେଇ ପାଇଁ ଦାବୀ ହୋଇ ଆସୁଥିଲା । ଡେଲାଙ୍ଗ ରେଳ ବ୍ରିଜ ଠାରୁ ମୁନିଦା ପର୍ଯ୍ୟନ୍ତ ଲୁଣା ନଦୀରେ ଦଳ ଭର୍ତ୍ତି ହୋଇ ରହିଥିବାରୁ ଡେଲାଙ୍ଗ ବ୍ଲକର ସୁଜନପୁର ,ଡେଲାଙ୍ଗ କୋଠବାଡ ,ମୁନିଦା ,କଲ୍ୟାଣପୁର ପଂଚାୟତ ସମେତ କଣାସ ବ୍ଲକର କେତେକ ପଂଚାୟତ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ଲଘୁଚାପ ଜନିତ ଲଗାଣ ବର୍ଷାରେ ନଦୀ ମାନଙ୍କରେ ଜଳ ନିଷ୍କାସନ ପାଇଁ ବହୁବିଧ ସମସ୍ୟା ଉପୁଜିବା ଆଶଙ୍କା ରହିଥିବା ରୁ ଡ୍ରେନଜ ବିଭାଗ ପକ୍ଷରୁ ଟେଣ୍ଡର ପାଇଥିବା ଠିକାଦାରଙ୍କ ମାଧ୍ୟମରେ ମେସିନ



ସାହାର୍ଯ୍ୟରେ ନଦୀ ଭିତରୁ ସଫେଇ କାର୍ଯ୍ୟ ଚାଲୁଥିବା ସୁଚନା ମିଳିଛି । ଏନେଇ ଡ୍ରେନଜ ବିଭାଗ ଯନ୍ତ୍ରୀ ବିଜୟ କୁମାର ସିଂହକୁ ପଚାରିବାରୁ ଲୁଣା ନଦୀରେ ଦଳ ଭର୍ତ୍ତି ଥିବାରୁ ସ୍ଥାନୀୟବାସିନ୍ଦା ଦଳ ସଫା ପାଇଁ ଦାବୀ କରି ଆସୁଥିଲେ । ଡ୍ରେନେଜ ବିଭାଗ ପକ୍ଷରୁ ଟେଣ୍ଡର ହୋଇଛି । ଠିକାଦାର ଦ୍ୱାରା ହାଟଡେଲାଙ୍ଗ ରେଳବାଇ ବ୍ରିଜ ଠାରୁ ମୁନିଦା ପର୍ଯ୍ୟନ୍ତ ୬କିମି ପର୍ଯ୍ୟନ୍ତ ଦଳ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ସେ ସୁଚନା ଦେଇଥିଲେ ।

# ଶ୍ରୀ ବଳଦେବସ୍ୱାମୀ ମନ୍ଦିରରେ ବଡ ଏକାଦଶୀ ଉତ୍ସବ ପାଳିତ

**ବୁଗୁଡ଼ା,୪।୯:(ମନ୍ଥନ)** ସ୍ଥାନୀୟ ଶ୍ରୀ ବଳଦେବସ୍ୱାମୀ ମନ୍ଦିରରେ ଶ୍ରୀବିଷ୍ଣୁ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ତଥା ବଡ ଏକାଦଶୀ ଉତ୍ସବ ଯଥା ରୀତିନୀତି ପ୍ରକାରେ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଯାଇଛି । ଏ ଅବସରରେ ପ୍ରାତଃ କାଳରେ ଠାକୁରଙ୍କ ଅବକାଶ ନୀତି ସମ୍ପନ୍ନ ପରେ ଶାଳଗ୍ରାମ ଗାଧୁଆ। , ମହାସ୍ନାନ, ମନ୍ତ୍ରସ୍ନାନ ଏବଂ ପୂର୍ବାହ୍ନରେ ଷୋଡଶ ଉପଚାର ପୂଜା, ମଙ୍ଗଳ ଆଳତି ଓ ସୁନାବେଶ ବିଧି ପାଳନ କରାଯାଇଥିବା ବେଳେ ସନ୍ଧ୍ୟାରେ ଦୋଳଗୋବିନ୍ଦଙ୍କ ଏକାଦଶୀ ବେଢା ପରିକ୍ରମା ସାଙ୍ଗକୁ ରାଜପ୍ରସାଦ ଭୋଗ ନୀତି ଅନୁଷ୍ଠିତ ହୋଇଥିଲା । ଏହି ବଡ ଏକାଦଶୀ ଉତ୍ସବରେ ପୂଜକ ଲକ୍ଷ୍ମୀ ପାଣି, ଗୁଲୁ ପାଣି, ଟୁକୁନା ପାଣି ପ୍ରମୁଖ ଠାକୁରଙ୍କ ପୂଜାପାଠ କରିଥିବା ବେଳେ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନୁକୂଳ ପାଗ ସତ୍ତ୍ୱେ ବଡ ଏକାଦଶୀ ଉତ୍ସବ ପାଳନ ନିମନ୍ତେ ବଳଦେବସ୍ୱାମୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଥିଲା ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଡେଙ୍ଗୁ ସଚେତନତା ଶିବିର

**ଭୁବନେଶ୍ୱର,୪।୯:(ମନ୍ଥନ)**ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ଡେଙ୍ଗୁ ସଚେତନତା ଶିବିର ବରିଷ୍ଠ ନାଗରିକ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ସରକାରୀ ଡାକ୍ତରଖାନାର ଡାକ୍ତର ଅଙ୍କିତା ସୁବୁଦ୍ଧି ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ ହେବାର କାରଣ, ପ୍ରତିକାର ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟର କିପରି ଯତ୍ନ ନେବେ ସେ ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ମନୋଜ କୁମାର ସାହୁ ଯୋଗଦେଇ କହିଥିଲେ ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ସେମାନେ ସୁସ୍ଥ ଓ ନିରୋଗ ରହିବା ଆବଶ୍ୟକ। ସମ୍ପାଦକ ରବିନ୍ଦ୍ର ନାଥ ପଟ୍ଟନାୟକ, ସହସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ୍, କୋଷାଧ୍ୟକ୍ଷ ବଂଶୀଧର ନାୟକ, ସଭ୍ୟ ତ୍ରିଲୋଚନ ମହାନ୍ତି, ଅରୁଣ କୁମାର ଦାଶ, ଅକ୍ଷୟ କୁମାର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ନିରନ ସାମଲ ଡେଙ୍ଗୁ ସଚେତନତା ଉପରେ ସ୍ୱଲିଖିତ କବିତା ପାଠ କରିଥିଲାବେଳେ ଉପସଭାପତି ପବିତ୍ର ମୋହନ ପରିଚ୍ଛା ଧନ୍ୟବାଦ ଦେଇଥିଲେ।

## ବୁଗୁଡ଼ା ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି

**ବୁଗୁଡ଼ା, ୪।୯:(ମନ୍ଥନ)** ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ଦୁତିକୃଷ୍ଣ ପାତ୍ର, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର କୁମାର ମାଲନା, ଏବିଡ଼ିଓ ଧର୍ମରାଜ ପରିଡା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ସମଗ୍ର ଶିକ୍ଷା ବିଷୟରେ ୦୧-୧୦-୨୪ ତାରିଖ ଠାରୁ ୩୧-୦୩-୨୫ ତାରିଖ ଅବଧି ସମୟର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ମେମ୍ବର ଓ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବ୍ଲକର କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କାଶିଆ(କ) ୟୁପି ସ୍କୁଲରେ ଜିନ୍ଦଲ ସୁବିଧା କେନ୍ଦ୍ରର ଉଦଘାଟନ

**କାଶିଆ,୪।୯:(ମନ୍ଥନ)**ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ରର ଉଦଘାଟନ ହୋଇଯାଇଛି । ଜିନ୍ଦଲ ଷ୍ଟିଲର ଇଭିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ। ଉପ ଜିଲ୍ଲାପାଳ ଶ୍ରୀ ଉମାକାନ୍ତ ପରିଡ଼ା ଏହାକୁ ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ବିଲ ଏସଡିପିଓ ଶ୍ରୀ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ଶ୍ରୀ ରାକେଶ ପଣ୍ଡା, ଯୋଡ଼ା ବିଇଓ ଶ୍ରୀ କ୍ଷେତ୍ରମୋହନ ହାଁସଦା,



ସେରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି । ସ୍କୁଲକୁ ଆସିବା ପାଇଁ ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ଏହି ସୁବିଧା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ମିଳିବ । ଏହା ସହିତ ଜିନ୍ଦଲ ଫାଉଣ୍ଡେସନ ନିରାପଦ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ଖେଳିବା ପାଇଁ ଭିତ୍ତିଭୂମିର ବିକାଶ କରିଛି। କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି । ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ । ଉଦଘାଟନୀ ଉତ୍ସବରେ ଏହି ଅଭିଯାନକୁ ଉପ ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରଶଂସା କରିବା ସହ ଗ୍ରାମାଞ୍ଚଳର ଶିଶୁମାନଙ୍କ ବିକାଶ ଏବଂ ସରକାରଙ୍କ ସମାବେଶୀ ଶିକ୍ଷା କାର୍ଯ୍ୟକ୍ରମରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା' ପ୍ରକଳ୍ପ, ସ୍କୁଲ ଶିକ୍ଷା ପରବର୍ତ୍ତୀ ଶିକ୍ଷଣ କାର୍ଯ୍ୟକ୍ରମ, ପରିବହନ ପାଇଁ ସ୍କୁଲ ବସର ସୁବିଧା, ଶିକ୍ଷକ ନିଯୁକ୍ତି ଓ ଶିକ୍ଷଣ ସାମଗ୍ରୀ ବଣ୍ଟନ ଦ୍ୱାରା ଜିନ୍ଦଲ ଫାଉଣ୍ଡେସନ ଶିକ୍ଷାର ମାନ ବୃଦ୍ଧି ସହ ପ୍ରତ୍ୟକ ଶିଶୁର ବିକାଶ ଓ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିଆସୁଛି ।

# ଚୋରାମଦ ସହିତ ମୋଟର ସାଇକେଲ ଜବତ, ୫କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୪।୯:(ମନ୍ଥନ)**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ତନ୍ତିଆପାଳ ମେରାଇନ, ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମାଲୁଆ ଗ୍ରାମର ବିଭୁତି ସାମଲ(୨୬)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଇଯାଇଥିବା ବେଳେ କାନ୍ତିଲ ଗ୍ରାମର ଝନ୍ଟି ରାଉତ(୪୫)ଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ, ବିଜୟନଗର ଗ୍ରାମର ଭାବଗ୍ରାହି ବସନ୍ତିଆ(୬୦)ଙ୍କ ଠାରୁ ୨୫



ଲିଟର ଦେଶୀମଦ, ନଛିପଡା ଗ୍ରାମର ଚଗଲକ ଦାସ(୪୩)ଙ୍କ ଠାରୁ ୨୭ ଲିଟର ଦେଶୀ ମଦ ଏବଂ ଜଗଦିଶପୁର ଗ୍ରାମର ସରୋଜ ସାମଲ (୩୦ )ଙ୍କ ଠାରୁ ୩୨ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୨୯ ଲିଟର ବିଦେଶୀ ଓ ଦେଶୀ ମଦ ସହିତ ଏକ ସ୍କୁଟି ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପନିରିକ୍ଷକ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ବାଲେଶ୍ୱରରେ ସରକାରୀ କୃଷି ମହାବିଦ୍ୟାଳୟ ଗବେଷଣାଗାର ପ୍ରତିଷ୍ଠା ଦାବିରେ ଜଳେଶ୍ୱର ତହସିଲ ସମ୍ମୁଖରେ ଗଣଧାରଣା

**ଜଳେଶ୍ୱର,୪।୯:(ମନ୍ଥନ)**ବାଲେଶ୍ୱରରେ ଏକ ସରକାରୀ କୃଷିମହାବିଦ୍ୟାଳୟ ଏବଂ ଗବେଷଣାଗାରପ୍ରତିଷ୍ଠା ଦାବିରେ ଜଳେଶ୍ୱର ଶାଖାକ୍ରିୟାନୁଷ୍ଠାନ ସମିତି ପକ୍ଷରୁଜଳେଶ୍ୱର ତହସିଲ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଳେଶ୍ୱରଶାଖା କ୍ରିୟାନୁଷ୍ଠାନ ସମିତିର ସଭାପତି ଦିଲୀପ ଗିରି ଅଧ୍ୟକ୍ଷତା କରିଥିଲେ । ବିଶେଷ କରି କରି ବସ୍ତା, ବାଲିଆପାଳ, ଜଳେଶ୍ୱର ଭୋଗରାଇ ୪ଟି ବ୍ଲକରେ ବ୍ୟାପକ ପରିମାଣରେ ଧାନ, ପାନ, ମୀନ ଚାଷ ସହ ବିଭିନ୍ନ ଅର୍ଥକାରୀ ଫସଲ ଓ ତୈଳବୀଜ ଶସ୍ୟ ଅମଳ ହୋଇଥାଏ । ବାଲେଶ୍ୱର ଅଞ୍ଚଳରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୀର୍ଘ ୩ବର୍ଷ ଧରି ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ସାଂସଦ, ଜିଲ୍ଲାପାଳ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ପର୍ଯ୍ୟାୟକ୍ରମେ ଦାବିପତ୍ର



ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଛି । କିନ୍ତୁ ବାଲେଶ୍ୱରର ସ୍ଥାନ ନାହିଁ । ସବୁ ଭିତ୍ତିଭୂମି ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ ହେବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ । ଗଣଧାରଣା ସମୟରେ କୃଷି ବୈଜ୍ଞାନିକ ଡ. କେଶବ ଚନ୍ଦ୍ର ପଣ୍ଡା, ଡ. କ୍ଷୀତିଶ ଦାସ, ଜଳେଶ୍ୱର ଶାଖା କ୍ରିୟାନୁଷ୍ଠାନ ସମିତି ସଂପାଦକ ଡ. ଅଜିତ କୁମାର ମହାନ୍ତି,ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, କମଳ ଚକ୍ରବର୍ତ୍ତୀ,ମନୋରଞ୍ଜନ ଦାସ, ଖଗେନ୍ଦ୍ର ସାହୁ, ଅବନୀ ଚନ୍ଦ, ଶରତ ପରିଡ଼ା, କପିଳେଶ୍ୱର ମହାନ୍ତି, ଶ୍ରୀକାନ୍ତ ପାତ୍ର, ସିତାଂଶୁ ସେନାପତି, ସ୍ନେହଲତା ପଣ୍ଡା, ସମରେଶ ଦିଣ୍ଡା , ରବୀନ୍ଦ୍ର ବାରିକ, ଜ୍ୟୋତିଷ ଚନ୍ଦ୍ର କର,ନୀରଜ ବେହେରା ଓ ଭାସ୍କର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ ।

# ରାମଚଣ୍ଡୀ ଅଗ୍ନିଶମ ତାଲିମ କେନ୍ଦ୍ର ଉଦଘାଟିତ

**କୋଣାର୍କ,୪।୯:(ମନ୍ଥନ)**ରାଜ୍ୟ ଅଗ୍ନିଶମ ଓ ଜରୁରୀକାଳୀନ ବିଭାଗ ଅଧିନସ୍ଥ ରାମଚଣ୍ଡୀ ସ୍ଥିତ ଜଳଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନରେ ଆୟୋଜିତ ଅଗ୍ନିଯୋଦ୍ଧା ତାଲିମ ଶିବିର ବୁଧବାର ଅପରାହ୍ନରେ ଉଦଘାଟିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଗ୍ନିଶମ




ଉପନିର୍ଦ୍ଦେଶକ ଡଃ ଉମାଶଙ୍କର ଦାଶ, ରାଜ୍ୟ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ , ରମେଶ ଚନ୍ଦ୍ର ମାଝୀ , ଅଗ୍ନିଶମ ବିଭାଗର ମୁଖ୍ୟ ତାଲିମ ଅଧିକାରୀ ପ୍ରଶାନ୍ତ କୁମାର ଦାଶ, କେନ୍ଦ୍ରାଞ୍ଚଳ ଅଗ୍ନିଶମ ଅଧିକାରୀ ଟି କେ ବାବୁ , ଓସ୍ୱାଲ ଅଧକ୍ଷ ରଙ୍ଗାଧର ଆଚାର୍ଯ୍ୟ ସମେତ ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡଃ ମନୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ ।ଉପସ୍ଥିତ ଅତିଥି ମାନେ ଅଗ୍ନିଯୋଦ୍ଧା ମାନଙ୍କୁ ଫିଟନେସ ମନ୍ତ୍ର ଦେବା ସହ ଓଡ଼ିଶା ଅଗ୍ନିଶମ ବିଭାଗକୁ ଦେଶରେ ଶ୍ରେଷ୍ଠ ସ୍ଥାନ ବଜାୟ ରଖିବା ମତ ପୋଷଣ କରୁଥିଲେ ।

ସୃଜନ

ଶୁକ୍ରବାର ୫ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

FRIDAY 5 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

**ଅର୍ଥ:** ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

### ଜେଲଗୁଡିକର ଦୟନୀୟ ସ୍ଥିତି

ଦେଶରେ ଥିବା ଜେଲଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ନେଇ ଦି ଇଣ୍ଡିଆ ଜଷ୍ଟିସ ରିପୋର୍ଟ ୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୦୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତି ମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତା ଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ରହିଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ୨୦୦ ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱାଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡିରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣ ନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି, ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ ପ୍ରତିଶତ କଏଦୀ ଭଲରେ ହୋଇପାରୁଥିବାବେଳେ ସ୍ଥାନଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢିଚାଲିଛି, ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ ସଂସ୍କାର ସତ୍ତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣାରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚିକିତ୍ସକ ଅଛନ୍ତି। ଯାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲ ଗୁଡିକରେ ୨୦୬ ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରିୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରଧୀନଙ୍କ ବନ୍ଦୀ ଜୀବନ ବଢିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡିକରେ ସୁଧାର କାର୍ଯ୍ୟକ୍ରମ ପାଇଁ ମଂଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଅବାଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗଇେ ପାରୁନାହିଁ। ଯାହାର ପରିଣତିସ୍ୱରୁପ ଜେଲ ସଂକଟ ବଢିବାରେ ଲାଗିଛି। ଏହି ସଂକଟର ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସା ଓ କର୍ମଚାରୀ ନିଯୁକ୍ତିର ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରିତ କରିବା ସହ ବିଚାରଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ, ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତବ୍ୟ।

# ଗୁରୁ ଦିବସର ଅନ୍ତର୍ନିହିତ ଚେତନା

**ବିକ୍ରମ କେଶରୀ ବିଶ୍ୱାଳ**

ପୂର୍ବତନ ରାଷ୍ଟ୍ରପତି ତଥା ଚିନ୍ତା ନାୟକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମ ଦିବସ ସେପ୍ଟେମ୍ବର ୫କୁ ସାରା ଦେଶ ଗୁରୁ ଦିବସ ଭାବେ ପାଳନ କରୁଥିବାବେଳେ ବାସ୍ତବରେ ଗୁରୁ ଦିବସର ବିଭିନ୍ନ ଦିଗ ସମ୍ପର୍କରେ ସହୃଦୟ ପାଠକଙ୍କ ପାଖରେ ଉପସ୍ଥାପନ କରୁଛି। ଏହା ନିଃସନ୍ଦେହ ଜଣଙ୍କ ଜୀବନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ଅବଦାନ ରହିଛି। ଗୁରୁ ହିଁ ସାକ୍ଷାତ ଈଶ୍ୱର। ଜଣକୁ ସତପଥ ପ୍ରଦର୍ଶନ କରାଇବା ନିମନ୍ତେ ଈଶ୍ୱର ହିଁ ଗୁରୁରୂପରେ ଶରୀର ଧାରଣ କରିଥାନ୍ତି। ତେଣୁ ଗୁରୁ ହେଉଛନ୍ତି ପ୍ରତିଟି ଜୀବନ ଚେତନାର ପରମ ଆଦର୍ଶର ସ୍ୱରୂପ। ଗୁରୁ ହେଉଛନ୍ତି ମୁଖ୍ୟ ଦ୍ୱାର। ମଣିଷର ଜୀବନ ପଥରେ ଯାତ୍ରା କରିବାକୁ ଚାହୁଁଥିବାବେଳେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଜଣେ ଜଣେ ଗୁରୁ ନିତ୍ୟାନ୍ତ ଆବଶ୍ୟକ। ସକଳ ପ୍ରକାର ପ୍ରଲୋଭନ ବିରୁଦ୍ଧରେ ଏବଂ ପାର୍ଥିବ ଜଗତର ସମସ୍ତ ପ୍ରତିକୂଳ ଶକ୍ତି ବିରୁଦ୍ଧରେ ଦଣ୍ଡାୟମାନ ହେବାଲାଗି ସତସଙ୍ଗ ବା ଗୁରୁ ସାନ୍ନିଧ ସୁଦୃଢ଼ ଦୁର୍ଗ ବା ରକ୍ଷା କବଚ। ଜଗତରେ ଯେତେ ମହାମାନବ ଜନ୍ମ ଗ୍ରହଣ କରିଥିଲେ ସମସ୍ତଙ୍କର ଗୁରୁ ଥିଲେ। ଯେତେ ଋଷି, ଯେତେ ମୁନି, ଯେତେ ଅବତାର, ଯେତେ ମହାତ୍ମା ତଥା ଯେତେ ଆଚାର୍ଯ୍ୟ ଜନ୍ମ ଗ୍ରହଣ କରିଛନ୍ତି ସେମାନେ ସମସ୍ତେ ନିଜର ସକଳ ମହାତ୍ମ୍ୟା ସତ୍ତ୍ୱେ ଜଣେ ଜଣେ ଗୁରୁ କରିଥିଲେ। ଆଧ୍ୟାତ୍ମିକ ଜ୍ଞାନ ଗୁରୁ ପରମ୍ପରା ଅନ୍ତର୍ଗତ। ଗୁରୁ ନିଜ ଶିଷ୍ୟଙ୍କୁ ବା ଛାତ୍ରଙ୍କୁ ଏହି ଜ୍ଞାନ ପ୍ରଦାନ କରିଥାନ୍ତି।

ଜୀବନରେ ପିତାମାତା ହେଉଛନ୍ତି ଆମର ପ୍ରଥମ ଗୁରୁ। ଆମ ଜୀବନର ପ୍ରଥମ ଶିକ୍ଷା, ସମାଜ ସମ୍ପର୍କରେ ଧାରଣା ଓ ଜୀବନକୁ ଜାଣିବାର ସାମର୍ଥ୍ୟ ପିତାମାତା ହିଁ କରିଥାନ୍ତି। କିନ୍ତୁ ଟିକିଏ ବିଚାର କଲେ ସତରେ ଆମେ କ'ଣ ଫକୀର ମୋହନ ସେନାପତିଙ୍କ ବର୍ଣ୍ଣିତ 'ଡାକମୁନସୀ'ର ଗୋପାଳିଆ ନୁହେଁ ତ ? ପିଲାମାନଙ୍କୁ ଅନେକ କଷ୍ଟ ସହି ବାପାମାଆ ଆମ୍ଭ ମାନଙ୍କୁ ସମାଜରେ କେବଳ ଶିକ୍ଷା ଦେଇନଥାନ୍ତି ବରଂ ଛିଡ଼ା ହେବା ପାଇଁ ସାମର୍ଥ୍ୟ ଓ ସାହାସ ପ୍ରଦାନ କରିଥାନ୍ତି। ବାସ୍ତବରେ ଆମେ କ'ଣ ସତରେ ଆମ ବାପାମାଆଙ୍କୁ କୃତଜ୍ଞତାର ଋଣକୁ ପରିଶୋଧ କରିବା ପାଇଁ ଚିନ୍ତା କେବେ କରିଛେ। ଅନେକ ପିଲା ଉଚ୍ଚଶିକ୍ଷିତ ହୋଇ ବିଦେଶରେ ରହି କିଛିଟା ଟଙ୍କା ଗାଁରେ ରହୁଥିବା ବାପାମାଆଙ୍କ ପାଖକୁ ପଠାଇ ଦେଇ ନିଜ କର୍ତ୍ତବ୍ୟ ସାରି ଦେଇଥାନ୍ତି। ଏହା କ'ଣ ଆମ ଜୀବନର ଆଦ୍ୟ ଗୁରୁ ବାପାମାଆଙ୍କ ପ୍ରତି ସର୍ବନିମ୍ନ କର୍ତ୍ତବ୍ୟନିଷ୍ଠା। କିନ୍ତୁ ଅପରପକ୍ଷରେ ଦେଖନ୍ତୁ କମ ପାଠପଢ଼ି ଗାଁ ଭାଷାରେ କହିବାକୁଗଲେ ହିଡମାଟି ହିଡରେ ପକାଇ ବାପାମାଆଙ୍କ ପାଖରେ ରହି ସେମାନଙ୍କ ପରିପୂର୍ଣ୍ଣ ଖୁସିର ହୋଇପାରେ ଟଣାଟଣି ବା ଅଭାବୀ ସଂସାର କିନ୍ତୁ ମହା ଆନନ୍ଦରେ ସେ ପରିବାରଟି ସମୟକୁ ଅତିବାହିତ କରିଥାଏ। କେଉଁଠି କାମଦାମ କରି ହେଉ ବା ମଜୁରୀ ମେହେନତି, ବରଂ ଅପାଠୁଆ ପିଲାଟି ବାପାମାଆଙ୍କର ବେଶୀ ଆଦରଣୀୟ। ଯଦିଓ ସମସ୍ତଙ୍କ କ୍ଷେତ୍ରରେ ଏହାକୁ ଉଦାହରଣ ଭାବେ ମୁଁ ରଖୁନାହିଁ।

ବର୍ତ୍ତମାନର ସମୟକୁ ଦେଖନ୍ତୁ। ପ୍ରାଚୀନ ଗୁରୁକୁଳ ପରମ୍ପରା ତ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି କିନ୍ତୁ ଆଜିର ସମୟରେ କେଜାଣି କାହିଁକି ଅନେକ ଘଟଣାରୁ ଦେଖାଯାଏ ଗୁରୁ-ଶିଷ୍ୟ ବା ଗୁରୁ-ଶିଷ୍ୟା ସମ୍ପର୍କ ବିବାଦୀୟ, ଅପମାନଜନକ ଓ କଳଙ୍କିତ। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଭଗବାନଙ୍କ ପ୍ରତିନିଧି ଭାବେ ଗ୍ରହଣ କରାଯାଉଥିବା କିଛି ଗୁରୁ ମାନଙ୍କ ଠାରେ ଏପରି ଅବଗୁଣ କାହିଁକି ଦେଖାଯାଏ। ସମାନ ଉତ୍ତର ହୁଏତ ଦିଆଯାଇପାରେ ଯେ ଅନେକ ଛାତ୍ରଛାତ୍ରୀ ଆଧୁନିକତାର ଔଦ୍ଧ୍ୟତାକୁ ଶିକ୍ଷାର ପ୍ରତୀକ ଓ ସମ୍ଭ୍ରାନ୍ତର ପ୍ରତୀକ ଭାବେ ଗ୍ରହଣ କରୁଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଥାଏ। କିଛିଦିନ ତଳେ ବାରିପଦାର ଏକ ଘଟଣା ମୋ ଭିତରେ ଗୁରୁଶିଷ୍ୟ ପରମ୍ପରା ସମ୍ପର୍କକୁ ନେଇ କିଛି କ୍ଷଣ ପାଇଁ ଭାବଗମ୍ଭୀର କରିଦେଲା। ବଦଳି ହେଉଥିବା ଜଣେ ପ୍ରଧାନଶିକ୍ଷକଙ୍କ ପାଇଁ ବିଦ୍ୟାଳୟ ସନ୍ନିକଟ ଛଅ ସାତଖଣ୍ଡ ଗାଁର କେବଳ ଛାତ୍ରଛାତ୍ରୀ ନୁହଁନ୍ତି ସେମାନଙ୍କ ଅଭିଭାବକଙ୍କ ଠାରୁ ଗ୍ରାମବାସୀ ସମସ୍ତେ ଏପରି ଦୁଃଖିତ, ମ୍ରିୟମାଣ ଓ କ୍ରନ୍ଦନରତ ଯେ ତାହା ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ରାଜ୍ୟରେ ଏପରି ଛାତ୍ର ବତ୍ସଳ ଓ ଛାତ୍ରପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ହେଉ ବା ଅବସର ସମୟରେ ସେମାନଙ୍କ ପ୍ରତି ଏହିପରି ଯେଉଁ ଅପୂର୍ବ ଭଲପାଇବା, ସମ୍ମାନ ଓ ଶ୍ରଦ୍ଧା ଅର୍ପଣ କରାଯାଏ ଏହାଠାରୁ ଜଣେ ଗୁରୁଙ୍କ ପାଇଁ ଆଉ ସର୍ବୋତ୍କୃଷ୍ଟ ପ୍ରାପ୍ୟ କ'ଣ ବା ହୋଇପାରେ ?

ଶିକ୍ଷା ପଦ୍ଧତିକୁ ଦେଖିଲେ ସମଗ୍ର ଭାରତ ବର୍ଷ ସହ ଓଡ଼ିଶାରେ ଅନେକ ଶିକ୍ଷାନୁଷ୍ଠାନରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି। ଅନେକ ସ୍ଥାନରେ ଶିକ୍ଷାଭିତ୍ତିଭୂମି ମଧ୍ୟ ନାହିଁ। ଏହାମଧ୍ୟ ଶିକ୍ଷାକ୍ଷେତ୍ର ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରେ କାରଣ ଭାରତର ସମ୍ବିଧାନ ଘୋଷଣା କରିଛି ଶିକ୍ଷା ହେଉଛି ସମସ୍ତଙ୍କର ମୌଳିକ ଅଧିକାର। ନାମିଦାମୀ କଲେଜରୁ, ସୁନାମ ଅର୍ଜନ କରି ବେଶ ବିଜ୍ଞାପିତ ହୋଇପାରିଥିବା ଶିକ୍ଷା ଅନୁଷ୍ଠାନରୁ ଡିଗ୍ରୀ ହାସଲ କରି ଜଣେ ଯଥାର୍ଥ ଶିକ୍ଷାର୍ଥୀ ବା ବିଦ୍ୟାର୍ଥୀ ହୋଇନଥାଏ। ଜଣେ ଅସଲ ବିଦ୍ୟାର୍ଥୀର ଲକ୍ଷଣ ହେଉଛି ତାଙ୍କର ବିନମ୍ରତା, ପରୋପକାରତା, ନିଷ୍ଠାପରତା, ସାଧୁତା, ସତ୍ୟବାଦୀତା, ନିଷ୍କପଟତା ଓ ମାର୍ଜିତ ତଥା ସଂସ୍କାର ଚେତନାର ଭାବନା। ଆପଣ ଅନେକ ସମୟରେ ଶୁଣିଥିବେ ଦୁଇଜଣଙ୍କ ଭିତରେ ଝଗଡ଼ା ହେଉଥିଲାବେଳେ ଜଣେ ଅପରପକ୍ଷକୁ କହିଥାଏ 'ତୋତେ କିଏ ପାଠ ପଢ଼ାଇଥିଲା ?' ଅର୍ଥାତ୍ ଜଣଙ୍କ ଶିକ୍ଷା ସଂସ୍କାର ଠାରୁ ଜୀବନ ସଂସ୍କାର ସବୁକିଛି ନିର୍ଭର କରିଥାଏ ତାଙ୍କ ଗୁରୁଙ୍କ ପ୍ରଦତ୍ତ ଶିକ୍ଷାଜ୍ଞାନ ଦ୍ୱାରା। ଗୁରୁ ଓ ଶାସ୍ତ୍ର ଜଣଙ୍କୁ ପ୍ରକୃତ ପଥ ଦେଖାଇଥାଏ। ସକଳ ସନ୍ଦେହ ଦୂର କରାଇବା ସହ ଗୁରୁକୃପା ଦ୍ୱାରା ଜୀବନ ଆନନ୍ଦମୟ ହୋଇଥାଏ। ଗୁରୁଦିବସ ହେଉଛି ଏପରି ଏକ ସ୍ମରଣୀୟ ଦିବସ ଯେ ସମାଜରେ ଜଣେ ଛୋଟ ହେଉ ବା ବଡ଼ ହେଉ ସିଏ ଡାକ୍ତର ହୁଅନ୍ତୁ ବା ବିଚାରପତି, କୃଷକଟିଏ ହୁଅନ୍ତୁ ବା ଅଭିନେତା, ଏହି ଦିନରେ ସମସ୍ତେ ନିଜ ନିଜ ପ୍ରାତଃ ସ୍ମରଣୀୟ ଗୁରୁଙ୍କୁ ନିଶ୍ଚିନ୍ତ ସ୍ମରଣ ପୂର୍ବକ ସମ୍ମାନ ଅର୍ପଣ କରିବାର ଦିବସ। ନିକଟରେ ସାରା ଭାରତ ବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିବା ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘଟଣାକୁ ଟିକିଏ ବିଚାର କରାଯାଉ। ଛାତ୍ରୀଜଣଙ୍କ ଭଗବାନଙ୍କ ତୁଲ୍ୟ ଖୋଦ୍ ଗୁରୁଙ୍କ ଦ୍ୱାରା ବର୍ଷ ବର୍ଷ ଧରି ନିର୍ଯାତିତ। ସମବେଦନା, ଆହାପଦେ କହିବା ପାଇଁ କାହାଙ୍କୁ ବି ପାଇଲେ ନାହିଁ। ଶେଷରେ ସ୍ୱାଭିମାନ ଆତ୍ମ ସମ୍ମାନର ରାସ୍ତାକୁ ବାଛିନେଲେ। ଇଏତ ଭାତ ହାଣ୍ଡିରୁ ଗୋଟିଏ।

ଆଜିକାଲି ଗୁରୁଦିବସ ବିଭିନ୍ନ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହେଉଛି। ଆମ ମାନଙ୍କ ଗହଣରେ ଆମ ମାନଙ୍କ ପିଲାଦିନେ ଖଡ଼ି ଛୁଆଁଇ ଜୀବନର ଶିକ୍ଷାକୁ ଆଗେଇ ନେଇଥିବା ଏପରି ଅନେକ ଅଭାବ ଅନାଟନ ଓ ସାମ୍ନା କରୁଥିବା ଗୁରୁମାନେ ନିଶ୍ଚିତ ଥିବେ। ସେମାନଙ୍କୁ ଖୋଜି କେବଳ ଗୁରୁ ଦିବସ ପାଇଁ ନୁହେଁ ଯଥା ସମ୍ଭବ ତାଙ୍କ ପାଦ ତଳେ କିଛି କୃତଜ୍ଞତା, ସମର୍ପଣ ପ୍ରଦାନ କଲେ ବାସ୍ତବିକ ଗୁରୁ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପ୍ରତିପାଦିତ ହୋଇପାରିବ। ବାପା-ମାଆ ଆମ ଜୀବନର ଆଦ୍ୟ ଗୁରୁ ତାଙ୍କୁ ପ୍ରତିଟି ମୁହୂର୍ତ୍ତରେ ଜୀବନର ପ୍ରତିକ୍ଷଣରେ ଆନନ୍ଦମୟ ଭାବରେ ରଖିବା ପାଇଁ ପ୍ରଯତ୍ନଟିଏ ଗୁରୁ ଦିବସର ଚେତନା ହେଉ। ପବିତ୍ର ଗୁରୁ ଦିବସର ଶୁଭକାମନା ଏବଂ ଏ ଦୁନିଆର ତମାମ ଗୁରୁ ମାନଙ୍କୁ ମୋର ସଭକ୍ତି ପ୍ରଣାମ। ପବିତ୍ର ଗୁରୁ ଦିବସର ଆଲୋଚନା ସମୟରେ ମନେପଡୁଛି ଶ୍ରୀମଦ୍ ଭାଗବତର ସେହି କାଳଜୟୀ ପବିତ୍ର ଧାଡ଼ିଗୁଡ଼ିକ – 'ତୋହିର ମନ ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ। ଗୁରୁ ବଚନ ଶିରେ ଧରି, ସୁସାଧୁ ସଙ୍ଗ ସେବା କରି। ବନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରାୟେ। ମୋତେ ପୂଜିବ ଗୁରୁଦେହେ, ମୋ ତହୁଁ ଗୁରୁ ଭିନ୍ନନୋହେ। ଗୁରୁ ଚରଣେ ନମସ୍କାର, ଯତ୍ନେ କରିବ ସପ୍ତବାର। ଗୋରୁ ବ୍ରାହ୍ମଣ ଗୁରୁପାଦେ, ଦେବତା ଅଗ୍ନି ରବି ବୁନ୍ଦେ। ସେବିବ ବେନି ସନ୍ଧ୍ୟା ମାନେ, ଗାୟତ୍ରୀ ଜପିବ ମଉନେ। ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର।'

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଗୁରୁ ଦିବସ ଓ ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା

**ଡଃ.ଅରୁନ୍ଧତୀ ଦେବୀ**

ଜ୍ଞାନପ୍ରାପ୍ତି ନିମନ୍ତେ ଶିଷ୍ୟମାନେ ଗୁରୁକୂଳରେ ରହି ପାଠ ପଢୁଥିଲେ ପ୍ରାଚୀନ କାଳରେ । ଶିକ୍ଷାଦାନ କରିବା ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଥିଲା । ସେ ଯୁଗର ଗୁରୁମାନେ ଅର୍ଥ ପାଇଁ ନୁହେଁ ବରଂ ଶିକ୍ଷାଦାନ ଦ୍ୱାରା ଏକ ସାମାଜିକ ଦାୟିତ୍ୱ ତୁଲାଉଥିଲେ । ଶିଷ୍ୟମାନେ ଗଭୀର ଭକ୍ତି ଏବଂ ମନଯୋଗ ସହ ଶିକ୍ଷାଲାଭ କରୁଥିଲେ । ଖ୍ରୀଷ୍ଟପୂର୍ବ ୨୦୦୦ରେ ଭାରତରେ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା । ଗୁରୁମାନେ ଶିକ୍ଷା ଦେଉଥିଲେ ତୁଣ୍ଡରେ । ଶିଷ୍ୟମାନେ ଶୁଣି ଶୁଣି ମନେରଖୁଥିଲେ ତାକୁ । 'ଉପନିଷଦ୍' ଶବ୍ଦଟି 'ଉପ', 'ନି' ଏବଂ 'ସଦ' ଶବ୍ଦର ସମାହାର ଯାହାର ଅର୍ଥ ହେଲା ନିକଟରେ ବସିବା । ଅର୍ଥାତ୍ ଗୁରୁକୁଳରେ ଗୁରୁଙ୍କ ସମୀପରେ ବସିରହି ଶିଷ୍ୟମାନେ ଶୁଣୁଥିଲେ ତାଙ୍କର ତୁଣ୍ଡରୁ ଶାସ୍ତ୍ର ବୋଧଗମ୍ୟ ଭାଷାରେ । ଅତ୍ୟନ୍ତ ପବିତ୍ର ପରିବେଶରେ କିଛି ପାଇବାର ଆଶା ନ ରଖି ଶିକ୍ଷାଦାନ କରୁଥିଲେ ସେମାନେ । ଦକ୍ଷିଣା ଦାବି କରିବା ଗୁରୁଙ୍କର ଅଧିକାର ଥିଲେ ହେଁ କୌଣସି ଗୁରୁ ସେଭଳି କିଛି ଦାବି କରୁଥିବା ଜଣାଯାଏ ନାହିଁ । ଏହାଥିଲା ପ୍ରତୀକାତ୍ମକ । ଫଳଟାଏ ଭଳି ସାଧାରଣ ତୁଚ୍ଛ ଜିନିଷ ମାତ୍ର ସେମାନେ ମାଗୁଥିଲେ ଦକ୍ଷିଣା ବାବଦକୁ । ଏଭଳି ପବିତ୍ର ଗୁରୁକୁଳ ପରମ୍ପରା ବହୁ କାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ଭାରତବର୍ଷରେ ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ୍‌ରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା । ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଳାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ । ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ରସିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମର ଏକାନ୍ତ ଗନ୍ତବ୍ୟ ହେଲା – ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ – ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ । ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା । ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା । ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ – ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି । ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ପ୍ରଖର ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ । ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ । ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ । ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି । ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ ଓ ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି । ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ । ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି । ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି। କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ । ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ । ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ । ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ଓ ଆନୁଗତ୍ୟ ନଥାଏ, ତେବେ ତୁମେ ନିଜର ସମସ୍ତ ବୃଦ୍ଧି ପ୍ରୟୋଗ କରି ମଧ୍ୟ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ । ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ ? ଉତ୍ତରରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି – ପରାୟଣତାର ଉର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା – ବଢ଼ିବାର ବିଧି ଜଣାଇଦିଅନ୍ତି । ମହାପୁରୁଷମାନେ ମହାପୂରଣକାରୀ । ସଦ୍‌ଗୁରୁଙ୍କର ଲକ୍ଷଣ ହେଲା – ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ – ସମ୍ପନ୍ନ, ଜାକଜମକରେ ମଧ୍ୟ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ହୋଇ ମଧ୍ୟ ସହଜ ଓ ନିରାଡ଼ମ୍ବର। ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଗୁରୁମାନେ ହିଁ ସଦ୍‌ଗୁରୁ – ଆଚାର୍ଯ୍ୟ । ସଦ୍‌ଗୁରୁ ବା ଗୁରୁ – ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତି – ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର – ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ । ଦୁନିଆରେ ଯେତେ ଦ୍ୱନ୍ଦ ମଧ୍ୟରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ । ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନୁଗ ଆତ୍ମନିୟନ୍ତ୍ରଣରେ, ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବା ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ ।

ତେବେ ପ୍ରଶ୍ନ ଉଠେ – ସବୁ ଅବତାର ଓ ଗୁରୁ – ପୁରୁଷୋତ୍ତମ କ'ଣ ସମାନ ? ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧ୍ୟରେ ରହିଛି ପରିପୂରଣ । ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ – ଯୁଗ ପ୍ରୟୋଜନ ପରିପୂରଣ ପାଇଁ । ଯୁଗେ – ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ । ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି । ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ । ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖେନି – ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି – ଏହା ହିଁ ଦୋଷ । ବର୍ତ୍ତମାନ ମଧ୍ୟରେ ପୂର୍ବତନଙ୍କୁ ଖୋଜି ଦେଖିବାର ବୁଦ୍ଧି ଯଦି ଆମ୍ଭମାନଙ୍କର ଥାଏ, ତା'ହେଲେ ବର୍ତ୍ତମାନଙ୍କ ମଧ୍ୟରେ ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇପାରିବା ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠିପାରିବ – ପ୍ରତ୍ୟେକ ସ୍ୱ-ସ୍ୱ ବୈଶିଷ୍ଟ୍ୟରେ ଅକ୍ଷୁର୍ଣ୍ଣ ଥାଇ । ସ ପୂର୍ବେଷାମପି ଗୁରୁଃ କାଲୋନାନବଚ୍ଛେଦାତ୍, ଆପଣଙ୍କ ମଧ୍ୟରେ ଆପଣଙ୍କ ବାପା ଅଛନ୍ତି, ଜେଜେବାପା ଅଛନ୍ତି – ସେଇମାନଙ୍କ ହିଁ ବିବର୍ତ୍ତିତ ରୂପ ଆପଣ । ପରବର୍ତ୍ତୀ ମଧ୍ୟ ସେହିପରି ପୂର୍ବବର୍ତ୍ତୀର ବିବର୍ତ୍ତିତ ରୂପ । ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର – ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ୍ୟ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନାହିଁ । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ। ଜଣେ ପ୍ରଶ୍ନ କରିଲେ – ଗୁରୁଙ୍କୁ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ? ଯୁଗପୁରୁଷୋତ୍ତମ କୁଳମାଳିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଦୃଢ଼ କଣ୍ଠରେ କହିଲେ – ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଓ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହା ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ । ଜୀବନର ଆରମ୍ଭରେ, ମଧ୍ୟରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା । ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ । ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଏଇ ଇଷ୍ଟଙ୍କର ହିଁ ସେବା କରେ । ଇଷ୍ଟ ହେଉଛନ୍ତି ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ୍ୟ ସେତେବେଳେ ନିଜର ଓ ପରର ମଙ୍ଗଳ ଆବାହନ କରେ, ପ୍ରବୃତ୍ତି ଗୁଡ଼ିକ ସେତେବେଳେ ହୁଅନ୍ତି ଧର୍ମର ବାହନ, ରିପୁ ହୋଇ ରହନ୍ତିନାହିଁ। ଆଉ ତାକୁ ଦମନ କରିବାକୁ କସରତ ମଧ୍ୟ କରିବାକୁ ପଡ଼େନି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ – 'ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ, ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସି ମେ' ଅର୍ଥାତ୍ ହେ ଅର୍ଜୁନ ! ତୁମେ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୋଇଯାଅ, ମୋର ଯାଜନ କର, ମୋତେ ନମସ୍କାର କର, ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ।

ସେହିପରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ । ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ । ଜନୈକ ବ୍ୟକ୍ତି କହିଲେ – ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ତାର ଅର୍ଥ ସେ ଜୀବନ ହିଁ ଚାହେଁନା । ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା । ସତ୍‌ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ । ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା । ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ । ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍‌ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ୍ୟ ଲାଗିପାରେ । ସେ ସତ୍‌ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତି ଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ ।

ପ୍ରତିରତ୍ୱିକ ଓ ବିଭାଗୀୟମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଗୁରୁ ଦିବସ

**ଡକ୍ଟର ସୁରେଶ କୁମାର ନାୟକ**

ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖ୍‌ରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା । ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ । ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ ।

ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ରସିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
E-mail : s271169@gmail.com



# ଲଗାଣ ବର୍ଷାରେ ପାହାଡ଼ ଧସି ଯାତାୟାତ ଠପ୍



ଗୁମ୍ମା,୪।୯ (ନି.ପ୍ର): ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ସମଗ୍ର ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ଲଗାଣ ବର୍ଷା ଯୋଗୁଁ ଗୁମ୍ମା ବ୍ଲକ ଅଜୟଗଡ଼ ଠାରୁ ନାମନଗଡ଼ ପାହାଡ଼ ଧସି ମୁଖ୍ୟ ରାସ୍ତା ଅବରୋଧ ହୋଇଛି । କିଛି ଦିନ ଧରି ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ବଡ଼ ବଡ଼ ପଥର ମାଟି ଅତଡ଼ା ଖସି ମୁଖ୍ୟ ରାସ୍ତା ଅବରୋଧ ହୋଇଛି । ଆଜି ଅଜୟଗଡ଼ ଠାରୁ ନାମନଗଡ଼ ମୁଖ୍ୟ ରାସ୍ତା ଉପରେ ପାହାଡ଼ରୁ ମାଟି ଅତୋଡ଼ା ଖସି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି ।ଯାହାଦ୍ୱାରା ଅଜୟଗଡ଼ ଓ ନାମନଗଡ଼ ପଞ୍ଚାୟତର ୧୦ ରୁ ୧୨ଟି ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଏନେଇ ଘଟଣା ସ୍ଥଳରେ ବିଡିଓ ଦୁଲାରାମ ମାରାଣ୍ଡି ଓ ତହସିଲଦାର ଶରତ ଶବର ପହଁଚି ରାସ୍ତା ଉପରୁ ମାଟି ପଥର ହଟେଇବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରି ଜେସିପି ସାହାଯ୍ୟରେ ରାସ୍ତାରୁ ମାଟି ହଟେଇ ଯାତାୟାତ ସ୍ୱାଭାବିକ ହୋଇଛି ।ସେହିପରି ବୁଧବାର ରାତି ୧୦ଟା ସମୟରେ ଗୁମ୍ମା ବ୍ଲକ ଅନ୍ତର୍ଗତ ଝାମି ପଞ୍ଚାୟତ ପର୍ଶୁରାମ ପୁର ଗ୍ରାମରେ ପୁଲାନୁ ଲିମ୍ମା,ସୁବାସ ଲିମ୍ମା,ଜଗନ୍ନାଥ ପାସ୍ତୁ ରେଡ଼ି,ତ୍ରିନାଥ ଘଣ୍ଟ ଓ ନାରାୟଣ ଘଣ୍ଟଙ୍କ ୫ଟି ଘର ଭିତରରେ ପାଣି ପଶିଯାଇ ଘର କାନ୍ଥ ଭାଙ୍ଗି ଘରର ଆଶାବାବ ପତ୍ର ପ୍ରଭାବିତ ହୋଇଯାଇଛି । ଏନେଇ ଉପଲୋଡ଼ା ଆରଆଇ ଗାଁକୁ ଯାଇ ପ୍ରଭାବିତ ପରିବାରକୁ ପାଲ ଦେଇ କ୍ଷୀୟକ୍ଷତି ଆକଳନ କରି ପରାଳଖେମୁଣ୍ଡି ତହସିଲଦାରଙ୍କୁ ରିପୋର୍ଟ ଦେଇଥିବା କହିଛନ୍ତି ।ଘଟଣା ସ୍ଥଳରେ ବିଡ଼ିଓ ଦୁଲାରାମ ମାରାଣ୍ଡି,ଜିପିଓ ସୁରି ନାରାୟଣ,ଆରଆଇ,ପିଇଓ,ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି ।

# ୫୨ନଂ ୱାର୍ଡରେ ଜଳବନ୍ଦୀ ସମସ୍ୟା

## ଜିଲ୍ଲାପାଳ ଓ କମିସନରଙ୍କୁ କର୍ପୋରେଟର ସୌଭାଗିନୀଙ୍କ ଦାବିପତ୍ର



କଟକ, ୪।୯ (ନି.ପ୍ର) : କଟକ ମହାନଗର ନିଗମ (ସିଏମସି) ଅନ୍ତର୍ଗତ ୫୨ନଂ ୱାର୍ଡସ୍ଥିତ ରାଜେନ୍ଦ୍ରନଗରରେ ଗତ ମଙ୍ଗଳବାର ଦିନ ଲଗାଣ ବର୍ଷାରେ ଜଳବନ୍ଦୀ ସମସ୍ୟା ଲାଗିରହିଛି । ଯାହାଫଳରେ ସାଧାରଣଲୋକଙ୍କ ସମେତ ରୋଗୀମାନେ ନର୍ସିଂହୋମରୁ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସିଏମସିର ନିଜସ୍ୱ ମଟର ପମ୍ପ ଅଚଳ ହେବାରୁ ଦମକଳ ବିଭାଗରୁ ମଟର ପମ୍ପ ଆଣି ପାଣି ନିଷ୍କାସନ କରାଯାଉଛି । ସିଏମସି ଲୋକଙ୍କଠାରୁ ସେବା ଯୋଗାଇ ଦେବା ନିମନ୍ତେ ବିଭିନ୍ନ ପ୍ରକାର ଟିକସ ନେଉଥିଲେ ମଧ୍ୟ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି ବୋଲି ୱାର୍ଡବାସୀ ଅଭିଯୋଗ କରିଛନ୍ତି ।

ସୁଚନାଯୋଗ୍ୟ, ବର୍ଷଦିନର ବହୁ ପୂର୍ବରୁ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପ୍ରେସ ଛକରୁ ମଧୁପାଟଣା ପର୍ଯ୍ୟନ୍ତ ଆସିଥିବା ଖୋଲା ଡ୍ରେନ ଏବଂ ପ୍ରମିଳା ମଣ୍ଡପ ପାଖରୁ କଲ୍ୟାଣୀନଗରସ୍ଥିତ ଛଅ ମହାଲା କୋଠା ପର୍ଯ୍ୟନ୍ତ ଆସିଥିବା ହୋମପାଇପ ଯୋଗେଁ ଡ୍ରେନ ପାଣି ଏମଏସଡବ୍ଲ୍ୟୁ-୧ରେ ପଡିଥାଏ । କିନ୍ତୁ ଦୀର୍ଘଦିନ ଧରି ଏହି ହୋମପାଇପ ସଫା ନହେବାରୁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଥିଲେ । କିନ୍ତୁ ଜେଇଙ୍କ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀ ମାନେ ଏଦିଗରେ କେହି କର୍ଣ୍ଣପାତ କରିନଥିଲେ । ଯାହାଫଳରେ ୱାର୍ଡବାସୀ ଓ ସୂର୍ଯ୍ୟ ନର୍ସିଂହୋମରେ ରହୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବାଧ୍ୟ ହୋଇ ଡ୍ରେନ ପାଣିରେ ପଶି ଯିବାଆସିବା କରୁଛନ୍ତି । ଯଦି ଛଅ ମହଲା କୋଠା ସମ୍ମୁଖରେ ଏକ ଚାମ୍ବର ତିଆରି କରାଯାଆନ୍ତା ଏବଂ ଆବଶ୍ୟକ ସ୍ଥଳେ ସେହି ଚାମ୍ବରରୁ ସମସ୍ତ ଆବର୍ଜନା ଠିକ ଭାବରେ ବାହାରିପାରନ୍ତା । ତାହାଲେ ଏଭଳି ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ ବୋଲି କର୍ପୋରେଟର ସୌଭାଗିନୀ କହିବା ସହ ସମାଧାନ ପାଇଁ ଆଜି ଜିଲ୍ଲାପାଳ ଓ ସିଏମସି କମିସନରଙ୍କୁ ଭେଟି ଏସମ୍ବନ୍ଧୀୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ଖୁବଶୀଘ୍ର ଏହାର ସମାଧାନ ନହୁଏ ତାହାଲେ ଆନ୍ଦୋଳନରେ ବସିବେ ବୋଲି କର୍ପୋରେଟର ଗଣମାଧ୍ୟମକୁ କହିଛନ୍ତି । ଏନେଇ ୱାର୍ଡ ଦାୟିତ୍ୱରେ ଥିବା ସିଏମସି ଜେଇ ଗୀତାରାଣୀ ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସିଏ ଫୋନ ଉଠାଇବା ପରିବର୍ତ୍ତେ ଗଣମାଧ୍ୟମଙ୍କ ଫୋନକୁ କାଟି ଦେଉଛନ୍ତି ।

# ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

ଜଗତସିଂହପୁର,୪।୯ (ନି.ପ୍ର) : ଆଜି ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ PACS Computerisation (NLPS) ଓ ସମବାୟ ସମୀକ୍ଷା ସଚେତନତା ସମ୍ପର୍କୀୟ ଏକ କର୍ମଶାଳା ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି ପ୍ରାରମ୍ଭରେ ଶ୍ରୀଯୁକ୍ତ ପ୍ରଭାତ ଚନ୍ଦ୍ର ଶତପଥି ଉପନିବନ୍ଧକ ସମବାୟ ସମିତି ସମୂହ , ଜଗତସିଂହପୁର ବିଭାଜନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମବାୟ ସମିତି ସ୍ତରରେ PACS କମ୍ପ୍ୟୁଟରୀକରଣ କୁ ପ୍ରାଧାନ୍ୟ ଦେବାପାଇଁ ସମିତିର ସମ୍ପାଦକଙ୍କୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତଲତା ବେହେରା, DDM , NABARD, PACS Computerisation ଉପରେ ଗୁରୁତ୍ୱ ଦେଇଥିବାବେଳେ ଏବଂ ସନ୍ତୋଷ କୁମାର ଜାଲି, ସହକାରୀ ସମୀକ୍ଷକ ସମବାୟ ସମିତି ସମୂହ , ଜଗତସିଂହପୁର, ୨୦୨୪-୨୫ ସମୀକ୍ଷା ବର୍ଷ ପାଇଁ ସମସ୍ତ ଚଇଉଝ ର ସମୀକ୍ଷା



ସମ୍ପୂର୍ଣ୍ଣ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଶେଷରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉପନିବନ୍ଧକ, ସମବାୟ ସମିତି ସମୂହ ଏବଂ ସହକାରୀ ନିବନ୍ଧକଙ୍କ ,ସମବାୟ ସମିତି ସମୂହ କାର୍ଯ୍ୟାଳୟର ବିବେକାନନ୍ଦ ବେହେରା , ରାଖାଲ ଚନ୍ଦ୍ର ସାମଲ , ସୁମନ ବେହେରା , ମିତାଲି ବୋଷ ,ଚିତ୍ରା ଚିନ୍ମୟୀ ଦାସ, ସ୍ୱର୍ଣ୍ଣଲତା ନାୟକ , ପିଙ୍କି ହାଂସଦା, ରୁବୁ ମହାନ୍ତି ଉପସ୍ଥିତ ଥିଲେ ।

# ସବୁଜ ମାଲକାନଗିରି ଗଠନ ପାଇଁ ତଥା ଭାରତ ସରକାରଙ୍କ (ଏକ ପେଡ଼ ମାଁ କେ ନାମ) ଅଭିଯାନର ଶୁଭାରମ୍ଭ



ମାଲକାନଗିରି, ୪।୯ (ନି.ପ୍ର) : ଜିଲ୍ଲା ପ୍ରଶାସନ ପକ୍ଷରୁ ତଥା ସବୁଜ ମାଲକାନଗିରି ଗଠନ ପାଇଁ ତଥା ଭାରତ ସରକାରଙ୍କ କାର୍ଯ୍ୟକ୍ରମ (ଏକ ପେଡ଼ ମାଁ କେ ନାମ) ଅଭିଜାନ ମାଁ ପାଇଁ ଗଛଟିଏ ୨.୦ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାର ପ୍ରତ୍ୟେକ ଗାଁକୁ ଚାରା ପହଞ୍ଚେଇବା ପାଇଁ ପାଂଚଟି ରଥ ଆଜି ଠାରୁ ଗଡ଼ିବ ଏନେଇ ଆଜି ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି କହିଛନ୍ତି ବିଧାୟକ ଶ୍ରୀ ମାଡ଼କାମି । ତେଣୁ ଆସନ୍ତା ୧୦ତାରିଖ ସୁଧା ଜିଲ୍ଲାର ସମସ୍ତ ୧୧୧ ଟି ପଞ୍ଚାୟତର କୋଣ ଅନୁକୋଣରେ ଥିବା ଗାଁ ବିଏସଏଫ କ୍ୟାମ୍ପ, ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବୃକ୍ଷ ପହଞ୍ଚାଇବା କୁ ଜିଲ୍ଲା ପ୍ରଶାସନ ଲକ୍ଷ ରଖିଛି । ସର୍ବ ମୋଟ ୨ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷ ଆସନ୍ତା ୧୭ ତାରିଖ ଅର୍ଥାତ ଗୋଟିଏ ଦିନରେ ଲଗାଇବାକୁ ଧାର୍ଯ୍ୟ କରାଯାଇଥିବା କହିଛନ୍ତି ଉଭୟ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ । ଏଥି ସହ ମାଲକାନଗିରି ଡିଏଫଓ ଡିଏନ କିରଣ କୁମାର ରଥ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜିଲ୍ଲାର ପ୍ରତେକ ବ୍ଲକରେ ଏହି କାର୍ଯ୍ୟକ୍ରମ କରାଯିବା କୁ ନେଇ ତଥ୍ୟ ବାଢ଼ିଛନ୍ତି । ଆଜିର କାର୍ଯ୍ୟକ୍ରମ ଉପଜିଲ୍ଲାପାଳ ସୁଶ୍ରୀ ଅଶ୍ୱନୀ ଏ.ଲ, ଏସ୍ସି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ପରିସଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେସ୍ ଚନ୍ଦ୍ର ସବର, ମାଲକାନଗିରି ଏସପି ବିନୋଦ ପାଟିଲ, ବିଭାଗୀୟ ଦୁଇ ଏସିଏଫଓ ସମେତ ମାଲକାନଗିରି ବନ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ ।

# ସିଏମସି କମିସନରଙ୍କ କଟକ ପ୍ରେସ କ୍ଲବ ପରିଦର୍ଶନ



କଟକ, ୪।୯ (ନି.ପ୍ର) : ଚୌଧୁରୀବଜାରସ୍ଥିତ କଟକ ପ୍ରେସକ୍ଲବ ଗୃହର ନବୀକରଣ କାର୍ଯ୍ୟ ଗତ ଜାନୁଆରୀ ମାସରେ ଉଦ୍‌ଘାଟିତ ହୋଇଥିବା ବେଳେ କଟକ ମହାନଗର ନିଗମ (ସିଏମ୍‌ସି) କମିସନର କୀରଣଦୀପ କୌର ସାହୋତା ଆଜି ଅପରାହ୍ଣରେ ପରିଦର୍ଶନ କରିଛନ୍ତି । ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଟକ ପ୍ରେସକ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପୂର୍ବକ ସ୍ୱାଗତ କରାଯାଇଥିଲା । ରାଜ୍ୟର ସର୍ବପୁରାତନ ଏହି ପ୍ରେସ୍‌କ୍ଲବର ଅବଶିଷ୍ଟ ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର, ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧୀକାରୀଙ୍କ ସହ ନବୀକରଣ କାର୍ଯ୍ୟ କମିଶନର ତଦାରଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବିନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ଏମଡି ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ ।

## କଲ୍ୟାଣୀନଗର ବଜାର କମିଟି ପକ୍ଷରୁ ଶୋକସଭା

କଟକ, ୪।୯ (ନି.ପ୍ର) : ୪୨ମୌଜା ନିବାସୀ ଅକ୍ଷୟ ବେହେରା (୫୦) ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ଧରି କଲ୍ୟାଣୀନଗର ବଜାରରେ ଛେନା ବେପାର କରିଆସୁଥିଲେ । ଗତ ଅଗଷ୍ଟ ୨୪ ତାରିଖରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ପରଲୋକ ଅବସରରେ ବଜାର କମିଟି ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତି ଅଟଳବିହାରୀ ଜେନା, ଉପସଭାପତି ମୁକ୍ତି ରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରାଉତ, ଅଶୋକ କୁମାର ମହାନ୍ତି (ଫେଲୁ), ସମାଜସେବୀ ଡଃ ବ୍ୟୋମକେଶ କାନୁନଗୋ, ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ ।

# ମେଡିକାଲରୁ ଉଠୁନି ଅଳିଆ ଆବର୍ଜନା

ଖଣ୍ଡପଡ଼ା, ୪।୯ (ନିପ୍ର): ଖଣ୍ଡପଡ଼ା ଏନଏସି ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ଆବର୍ଜନା ସଫା ହେଉନଥିବା ନେଇ ଅଭିଯୋଗ ହୋଇଛି । ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ନେଇ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଗତ ପ୍ରାୟ ଦେଢ ମାସ ହେବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା



ଏକାଧିକ ଡଷ୍ଟବିନରୁ ନିୟମିତ ଅଳିଆ ଖାଲି କରାଯାଉନାହିଁ । ଫଳରେ ଡଷ୍ଟବିନ ଥିବା ଏକାଧିକ ସ୍ଥାନରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଅଳିଆ ଉଠାଇବା ନିମନ୍ତେ ଏନଏସି ପକ୍ଷରୁ ସ୍ୱତନ୍ତ୍ର ଗାଡି ଆସୁଥିବା ବେଳେ ଗତ ଦେଢ ମାସ ହେବ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଏଭଳି ସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଲୋକେ ନାକ ଟେକୁଥିବା ବେଳେ ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି । ସହର ମଧ୍ୟରେ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥାର ମନମୁଖୀ କାରବାର ସୀମା ଟପିଲାଣି । ସେହିପରି ବର୍ଷାଦିନ ଥିବାରୁ ମଶା, ମାଛି ଆଦିଙ୍କ ଦ୍ୱାରା ରୋଗ ସଂକ୍ରମଣ ଭଳି ସ୍ଥିତି ଉପୁଜିବା ଭଳି ଆଶଙ୍କା ପ୍ରକାଶ ପାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ରାସ୍ତା କଡରେ ମଲା କୁକୁଡା ଭର୍ତ୍ତି ବସ୍ତା

## ପୁତିଗନ୍ଧମୟ ପରିବେଶରେ ଅଣନିଃଶ୍ୱାସୀ ପଥଚାରୀ

ଖଣ୍ଡପଡ଼ା, ୪।୯ (ନିପ୍ର): ରାସ୍ତା କଡରେ ବସ୍ତା ବସ୍ତା ମଲା କୁକୁଡା । ସ୍ଥିତି ଏମିତି ଯେ ନାକରେ ଚୁଣ୍ଟା ଦେବାକୁ ପଡୁଛି । କିଏ କାହିଁକି ଏଠାରେ ବସ୍ତା ବସ୍ତା ଆବର୍ଜନା ପକାଇଛି ତାହା ଜଣାପଡିନଥିବା ବେଳେ ଲୋକେ ରାସ୍ତା ଦେଇ ଯିବାକୁ ନାକେଦମ ହେଲେଣି । ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଗ୍ରାମକୁ ସଂଯୋଗ ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁ ଜନିତ ସଂକ୍ରମଣ ବ୍ୟାପୀଥିବା ଭଳି ଖବର ଆସୁଥିବା ବେଳେ କୁଞ୍ଜବିହାରୀପୁରକୁ ସଂଯୋଗ ରାସ୍ତାର ଏକାଧିକ ସ୍ଥାନରେ ମୃତ କୁକୁଡା ମାନଙ୍କର ଅବଶେଷ ବନ୍ଧା ହୋଇପଡିଥିବା ବେଳେ ଚିନ୍ତା ବଢାଉଛି । ତେବେ କେଉଁଠାରୁ ଏତେ ପରିମାଣର ଆବର୍ଜନା ରାସ୍ତା ପାର୍ଶ୍ୱରେ ପକାଯାଇଛି ସେ ବାବଦରେ ସ୍ଥାନୀୟ ବାସିନ୍ଦାଙ୍କ ପାଖରେ କିନ୍ତୁ ସୂଚନା ନାହିଁ । ଅନ୍ୟପକ୍ଷରେ ରାସ୍ତାରେ ଗଲାବେଳେ ଏକରକମ ଅଣନିଃଶ୍ୱାସୀ ହୋଇପଡୁଥିବା କହିଛନ୍ତି କୁଞ୍ଜବିହାରୀପୁର ବାସିନ୍ଦା କହିଛନ୍ତି । ତେବେ ପଞ୍ଚାୟତ କର୍ତୃପକ୍ଷ ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାକୁ ସଫେଇ କରିବାକୁ ଦାବି ହୋଇଛି ।



# ଖଣ୍ଡପଡ଼ା ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ

## ଦିନତମାମ ବୈଠକ କିନ୍ତୁ ଫଳ ଶୁନ



ଖଣ୍ଡପଡ଼ା, ୪।୯ (ନିପ୍ର): ଖଣ୍ଡପଡ଼ା ବ୍ଲକ ସଭାଗୃହରେ ପଞ୍ଚାୟତ ସିମିତିର ୧୧ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ୫ନଂ ଜୋନ ବରିଷ୍ଠ ଜିଲ୍ଲା ପରିଷଦ ରାମେଶ୍ୱର ଶତପଥୀ, ୬ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଉଜ୍ଜଳ ମହାରଣା, ବିଡିଓ ଅଙ୍କୁର ଅଭିଳାଷ ପ୍ରମୁଖ ମଞ୍ଚାସିନ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ତେବେ ପଞ୍ଚାୟତ ସମିତି ବୈଠକ କେବଳ ପ୍ରହସନ ଛଡା ଆଉ କିଛି ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି । କାରଣ କିଛି ମାସ ତଳେ ବସିଥିବା ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ବହୁ ପ୍ରସ୍ତାବକୁ ବାଦ ଦିଆଯାଇଛି । ଫଳରେ ବ୍ଲକ୍‌ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରୁନାହିଁ । ଜିପିଇଓ ଅନିତ ବଡ଼ସେଟଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଶିକ୍ଷା, ପାନୀୟ ଜଳ, କୃଷି, ବିକଶିତ ଗାଁ ବିକଶିତ ଓଡିଶା, ଅନ୍ତୋଦୟ ଗୃହ ଯୋଜନା, ରାସନ କାର୍ଡ ଆଦି ବାବଦରେ ଆଲୋଚନା ହୋଇଥିଲା । ଅନ୍ୟପକ୍ଷରେ ଉନ୍ନୟନମୂଳକ କାମ ଠପ ନେଇ ଗୃହରେ ସଂଖ୍ୟାଧିକ ସରପଞ୍ଚ ଓ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏ ନେଇ ବିଡିଓ ଅଙ୍କୁର ଅଭିଳାଷଙ୍କୁ ଘେରିଥିଲେ । ବୈଠକରେ ଖଣ୍ଡପଡ଼ା ବ୍ଲକର ପ୍ରଶାସନିକ ଅଧିକାରୀ ମାନଙ୍କ ସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ମାନେ ଉପସ୍ଥିତ ରହିଥିଲେ ।

# ପାରାଦୀପରେ ଜାତୀୟ କଂଗ୍ରେସ୍ ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ

ପାରାଦୀପ,୩।୯ (ନି.ପ୍ର) : ଗୁରୁବାର ଦିନ ପାରାଦୀପ ପୌରପାଳିକା କଲ୍ୟାଣ ମଣ୍ଡପ ପରିସରରେ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ସଙ୍ଗଠନ ସୃଜନ ଅଭିଯାନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଚୟନ ନିମନ୍ତେ କର୍ମୀମାନଙ୍କ ସହିତ ଜଣ ଜଣ କରି ଆଲୋଚନା କରିଥିଲେ ଅଖିଳ ଭାରତୀୟ କଂଗ୍ରେସ୍ କମିଟିର ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଏମ୍. ଲିଜୁ । ଓଡିଶା ପ୍ରଦେଶ କଂଗ୍ରେସ୍ କମିଟିର ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ରାଜକିଶୋର ବାରିକ , ଜିଲ୍ଲା କଂଗ୍ରେସ୍ କମିଟି ସଭାପତି



ନଟବର ବାରିକ, ପାରାଦୀପ ବିଧାନସଭା କ୍ଷେତ୍ର କଂଗ୍ରେସ୍ ନେତା ନିରଂଜନ ନାୟକ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପାରାଦୀପ ନଗର କଂଗ୍ରେସ୍ କମିଟି ସଭାପତି କେଦାରନାଥ ବିଶ୍ୱାଳ । ପାରାଦୀପ ଅଂଚଳର କଂଗ୍ରେସ୍ ନେତା ଓ କର୍ମୀମାନେ ଏହି ବୈଠକରେ ଯୋଗ ଦେଇ ଦଳକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏଥି ସହିତ ଜିଲ୍ଲା ସଭାପତି ନିମନ୍ତେ ନିଜର ଯୋଗ୍ୟ ନେତାଙ୍କ ନାମ ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁଙ୍କୁ ପ୍ରସ୍ତାବ ଦେଇଥିଲେ । ସମସ୍ତଙ୍କ ପ୍ରସ୍ତାବକୁ ସେ ବିଚାରକୁ ନେଇ ଦଳର ଉଚ୍ଚ ନେତୃମଣ୍ଡଳୀଙ୍କୁ ପ୍ରଦାନ କରିବେ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁ କହିଛନ୍ତି । ଦଳକୁ ତୃଣମୁଳସ୍ତରରୁ ସଶକ୍ତ କରିବା ପାଇଁ ଭାରତ ନ୍ୟାୟ ଯାତ୍ରା ପରେ ଦଳର ଶୀର୍ଷ ନେତୃତ୍ୱ ପ୍ରସ୍ତାବ ଦେଇଥିଲେ । ସେହି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯାଉଛି ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଏମ୍. ଲିଜୁ ଗନମାଧ୍ୟମକୁ କହିଛନ୍ତି ।

